ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK पर्यवेक्षक

FIND US ON
facebook.com/paryabekhyak
FOLLOW US
ON TWITTER
twitter.com/paryabekhyak

Vol.23 . No.26, Bhubaneswar Monday, March 02, 2020 | ୨୩ତମ ବର୍ଷ ସଂଖ୍ୟା-୨୬ ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୦୨, ୨୦୨୦ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹.50 (Air Surcharge - 0.50P) Member-INS

# ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଯୁବଶାଖାର ରାଜ୍ୟ ସମ୍ମିଳନୀ

## ଯୁବଶକ୍ତିର ବିକଳ୍ପ, ଯୁବ ଆଇ.ଏନ୍.ଟି.ୟୁ.ସିର ସଂକଳ୍ପ






**ଭୁବନେଶ୍ୱର(ପିଏନ)**-ଭୁବନେଶ୍ୱର ସ୍ଥିତ ଜୟଦେବ ଭବନଠାରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ରାଜ୍ୟ ଯୁବଶାଖାର ରାଜ୍ୟ ସମ୍ମିଳନୀ ଯୁବରାଜ୍ୟ ସଭାପତି ସତ୍ୟବ୍ରତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଭାବରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ଉପସଭାପତି ଡ. ରାମଚନ୍ଦ୍ର ଖୁଂଟିଆ ଯୋଗଦେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧ ନୀତୀ, କୃଷି ଓ କୃଷକ ବିରୋଧି ନୀତିକୁ ନେଇ ଦୃଢ଼ ସମାଲୋଚନା କରିବା ସହିତ ସମାଜର ଆଗାମୀ ଭବିଷ୍ୟତ ଯୁବ ପିଢ଼ିକୁ ରୋଜଗାର ବଦଳରେ ଦାଦନ ସମସ୍ୟା ଭିତରେ ଛନ୍ଦି ଦେବା ଦୁର୍ଭାଗ୍ୟଜନକ ବୋଲି ମତବ୍ୟକ୍ତ କରିଥିଲେ । ତେଣୁ ଅଗାମୀ ଦିନରେ ଏଥିପାଇଁ ତୃଳମୂଳ ସ୍ତରରୁ ସଂଗଠନକୁ ମଜବୁତ କରିବା ସହିତ ଏକ ଦୁର୍ବାର ଆନ୍ଦୋଳନ ପାଇଁ ପ୍ରସ୍ତୁତି କରିବାକୁ ଆହ୍ୱାନ ଦେଇଥିଲେ । ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ସମ୍ମିଳନୀର ଉଦ୍‌ଘାଟକ ତଥା ଯୁବ ଶାଖାର ଜାତୀୟ ସଭାପତି ଶ୍ରୀଯୁକ୍ତ ସଂଜୟ ଗାବା ଯୋଗଦେଇ ରାଜ୍ୟ ଓ ସରକାରଙ୍କ ଶ୍ରମିକ ମାରଣାନିତୀକୁ ଦୃଢ଼ ସମାଲୋଚନା ସହିତ ଯୁବ ପିଢ଼ୀଙ୍କୁ ଦୀର୍ଘ ୨୦ ବର୍ଷର ଶାସନକାଳ ଭିତରେ ରାଜ୍ୟ ସରକାର ବେକାରୀ ସମସ୍ୟା ଭିତରକୁ ଠେଲି ଦେଇ ଯୋଜନା ଉପରେ ଯୋଜନା ଓ ଘୋଷଣା ଉପରେ ଘୋଷଣା କରି, ଶେଷରେ ଗାଁ ଗାଁରେ କର୍ମନିଯୁକ୍ତି ବଦଳରେ ମଦଭାଟିମାନ ଖୋଲି ଯୁବକମାନଙ୍କୁ ବିପଥଗାମୀ କରିଦେବା ଅତ୍ୟନ୍ତ ଲଜ୍ୟାଜନକ ବୋଲି ବର୍ଣ୍ଣନା କରିଥିଲେ । ଏହା ସହିତ ରାଜ୍ୟରେ ସାଧାରଣ ଜନତାକୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ ସରକାର ବିଫଳ ହୋଇଥିବାରୁ କ୍ଷୋଭ ପ୍ରକାଶ କରଥିଲେ । ଏହା ସହିତ ଆଗାମୀ ଦିନରେ ଯୁବ ଆଇ.ଏନ୍.ଟି.ୟୁ.ସିକୁ ଏକ ବିରାଟ ଆନ୍ଦୋଳନର ପ୍ରସ୍ତୁତି ପାଇଁ ଆହ୍ୱାନ ଦେଇଥିଲେ । ସମ୍ମାନୀତ ଅତିଥି ଭାବରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସର ଜାତୀୟ ସଂପାଦକ କିଶୋର ଜେନା ଯୋଗ ଦେଇ ସମଗ୍ର ରାଜ୍ୟରେ ରାଜ୍ୟ ସରକାର ଶ୍ରମିକଙ୍କୁ ସାମାଜିକ ସୁରକ୍ଷା ଯୋଗାଇ ଦେବାରେ ବିଫଳ ହୋଇଥିବାବେଳେ ନିର୍ମାଣ ଶ୍ରମିକ କଲ୍ୟାଣ ପାଣ୍ଠିକୁ ବିଜୁ ଜନତା ଦଳର ଦଳୀୟ ପାଣ୍ଠିରୂପେ ବ୍ୟବହାର ଦୁଃଖ ଦାୟକ ବୋଲି ମତବ୍ୟକ୍ତ କରିଥିଲେ । ଏହା ସହିତ ଶ୍ରମିକଙ୍କ କଲ୍ୟାଣ ପାଣ୍ଠିରେ ଆଦାୟ ହୋଇଥିବା ସମୁଦାୟ ସେସ୍ ଠିକ୍ ଭାବରେ ବଂଟନ କରାଯାଉନଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଦୈନିକ ଖବର କାଗଜ ପର୍ଯ୍ୟବେକ୍ଷର ସଂପାଦକ ପବିତ୍ର ମୋହନ ସାମନ୍ତରାୟ ଯୋଗ ଦେଇ ଯୁବଶକ୍ତିର ବିକାଶ ସମଗ୍ର ଦେଶ ଓ ରାଜ୍ୟର ବିକାଶ ନିହିତ ହୋଇ ରହିଥିବାବେଳେ ବର୍ତମାନ ସମଗ୍ର ଦେଶ ତଥା ରାଜ୍ୟରେ ଯେଉଁ ବାତାରବରଣ ରହିଛି ତାହା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ଏବଂ ଟ୍ରେଡ୍ ୟୁନିଅନ କ୍ଷେତ୍ରରେ କାର୍ଯ୍ୟକରୁଥିବା ଯୁବ ପ୍ରତିଭାଙ୍କୁ ବିଭିନ୍ନ ଆଳରେ ସରକାର ତାଙ୍କର କାର୍ଯ୍ୟରେ ବାଧକ ପାଇଁ ଯେଉଁ ନୀତି ଆପଣାଇଛନ୍ତି ତାହା ସୁସ୍ଥ ସମାଜର ବାତାବରଣ ହୋଇନପାରେ ତେଣୁ ଯୁବକମାନେ ଆଗାମୀ ପିଢ଼ିକୁ ସତର୍କ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତନ ସମ୍ମାନୀତ ଅତିଥି ଭାବରେ ତେଲେଙ୍ଗାନା ପୂର୍ବତନ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପୁନାଲା ଲଖମୟା ଯୋଗଦେଇଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଜାତୀୟ ସଂପାଦକ ମଦନ ମୋହନ ଧଳ ଯୋଗ ଦେଇ କୃଷି ଓ କୃଷକ ମାନଙ୍କ ସମସ୍ୟା ବର୍ଷ ବର୍ଷ ଧରି ଲାଗି ରହିଥିବା ବେଳେ ଏହାର ସମାଧାନ କରିବାରେ ସରକାର ସଂପୂର୍ଣ୍ଣ ବିଫଳ ହୋଇଛନ୍ତି । ଫଳରେ ଦିନକୁ ଦିନ ଚାଷୀ ଆତ୍ମହତ୍ୟା ଓ ମରୁଡ଼ି ଭଳି ପରିସ୍ଥିତି ଦେଶ ତଥା ରାଜ୍ୟରେ ଲାଗିରହିଛି । ଏହା ସହିତ କେନ୍ଦ୍ର ସରକାର ଓଡ଼ିଶାର ନାଲୋକ, ଭେଲ, ଏନ୍.ଟି.ପି.ସି. ଓ ରେଳ ତଥା ଏଲ.ଆଇ.ସି.ର ଘରୋଇକରଣକୁ ଦୃଢ଼ ନିନ୍ଦା କରିବା ସହିତ ଘରୋଇକରଣକୁ ସଂପୂର୍ଣ୍ଣ ବନ୍ଦ ପାଇଁ ସଂଗଠନର ଏଜେଣ୍ଡାର ରହିଥିବା ଦାବୀକୁ ସମର୍ଥନ ଜଣାଇଥିଲେ । ଅନ୍ୟମାନଙ୍କ ମଧରୁ କୋଷାଧ୍ୟକ୍ଷ ଧରଣୀ ସ୍ୱାଇଁ, ଉପସଭାପତି ସଂଧ୍ୟା ମହାପାତ୍ର, ପ୍ରଶାନ୍ତ ମହାପାତ୍ର ଯୋଗ ଦେଇ ରାଜ୍ୟ ସରକାର ଗ୍ରମାଂଚଳରେ ବେକାର ଶିକ୍ଷିତଙ୍କୁ କର୍ମନିଯୁକ୍ତି ସୁଯୋଗ ପାଇଁ କୃଷି ଉଦ୍ୟୋଗକୁ ପ୍ରାଧାନ୍ୟ ଦେବାର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଯୁବ ଶାଖାର ସାଧାରଣ ସଂପାଦକ ପଦ୍ମାକର ଗୁରୁ ସଭା ଆରମ୍ଭରେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଅନ୍ୟମାନଙ୍କ ମଧରେ କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର ସାହୁ, ସାଧାରଣ ସଂପାଦକ ବିମଳ ପ୍ରଧାନ, ସରୋଜ ପ୍ରଧାନ, ବିକାଶ ଦାସ, ଭବାନୀ ଶଙ୍କର ଜେନା, ଅଜୟ ପାଇକରାୟ, ଭଗବାନ ବାହିନପତି, ଆଶା ମିଞ୍ଜ, ସୁବାସିସ୍ ନାୟକ, କୈଳାସ ଚନ୍ଦ୍ର ସାହୁ, ରଶ୍ମି ଏକା, ମହେନ୍ଦ୍ର ମିଶ୍ର, ବିପ୍ଳବ ଚୋଧୁରୀ, ପ୍ରିୟବ୍ରତ ନାୟକ, ସନ୍ତୋଷ ଭୋଳ, ରଶ୍ମି ରଂଜନ ଚୌଧୁରୀ, ଆଶୀଷ ବେହେରା, ଅଂଶୁମାନ ଦାସ, ସାଇଲକ୍ଷ୍ମି ପଲେଇ, ଅରଜିତ୍ ଘୋଷାଲ, ସଂଜିବ୍ ଦେହୁରୀ, ଚକା ଚରଣ ମାଝି, ମନସିଦ୍ ବାରଲା, ଜେମ୍‌ସ୍ ବାହାଲା, ସଂଜୟ ପରିଡ଼ା, ଦିଲିପ୍ ସ୍ୱାଇଁ, ସାଗର ରଂଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ । ସଭାଶେଷରେ ଯୁବଶାଖାର ଜାତୀୟ ସଂପାଦକ ବିଷ୍ଣୁ ମୋହନ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂଆ ଟ୍ରାଫିକ୍ ନିୟମ କଡ଼ାକଡ଼ି ଲାଗୁ ହେବା ପରେ ପୋଲିସ ହେଲା ନାକେଦମ୍

**ଭୁବନେଶ୍ୱର,(ପିଏନ)-** ନୂଆ ଟ୍ରାଫିକ୍ ନିୟମ ରବିବାରଠାରୁ କଡ଼ାକଡ଼ି ଭାବେ ଲାଗୁ ହେବା ପରେ ନିୟମ ଉଲ୍ଲଂଘନକାରୀଙ୍କ ଉପରେ ଜୋରଦାର ଧରପଗଡ଼ ଆରମ୍ଭ ହୋଇଛି । ଏ ନେଇ ବର୍ଦ୍ଧିତ ସମୟସୀମା ଶେଷ ହେବା ପରେ ଟ୍ରାଫିକ୍ ପୋଲିସ ପକ୍ଷରୁ ଯାଂଚ କଡ଼ାକଡ଼ି ଆରମ୍ଭ ହୋଇଛି । ତେବେ ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହରରେ ପୋଲିସର ଏହି ଯାଂଚକୁ ନେଇ ଲୋକମାନଙ୍କର ଉଗ୍ରରୂପ ଦେଖିବାକୁ ମିଳିଛି । ଫଳରେ ପୋଲିସକୁ ନାକେଦମ୍ ହେବାକୁ ପଡ଼ିଛି । ଅନେକ ସ୍ଥାନରେ ପୋଲିସ ଓ



ଲୋକମାନଙ୍କ ମଧରେ ଯୁକ୍ତିତର୍କ ହେବାର ଘଟଣା ସାମନାକୁ ଆସିଛି । ଖବର ନେବାରୁ ଜଣାଯାଇଛି ଯେ, ଭୁବନେଶ୍ୱର ଆରଟିଓ-୨ ଇଲାକ ମଧ୍ୟରେ ରଙ୍ଗ ୱେ ଡ୍ରାଇଭିଂ, ବିନା ହେଲମେଟ ଓ ବିନା ଲାଇସେନ୍ସ, ଗାଡ଼ି ଚଳାଇବା ବେଳେ ମୋବାଇଲ ବ୍ୟବହାର, ବିନା ସିଟ୍ ବେଲ୍ଟରେ ଗାଡ଼ି ଚଳାଇବା ଅଭିଯୋଗରେ ସାଢ଼େ ୩ ଲକ୍ଷ ଟଙ୍କା ଆଦାୟ କରାଯାଇଛି । ସେଥିମଧ୍ୟରୁ ୨ ଲକ୍ଷ ୯୨ ହଜାର ଟଙ୍କା ଚାଲାଣ କଟାଯାଇଥିଲା ବେଳେ ୮୯ ହଜାରରୁ ଉର୍ଦ୍ଧ୍ୱ ଟଙ୍କା ଘଟଣା ସ୍ଥଳରୁ ଆଦାୟ ହୋଇଛି ।

ରବିବାର ମଧ୍ୟାହ୍ନରେ ଭୁବନେଶ୍ୱରର ରାଜମହଲଛକଠାରେ ଜଣେ ମହିଳା ରଙ୍ଗ ରୁଟ୍‌ରେ ଆସୁଥିବା ବେଳେ ପୋଲିସ ତାଙ୍କୁ ଅଟକାଇଥିବାରୁ ସେଠାରେ ତୁମୁଳ କାଣ୍ଡ ହୋଇଥିଲା । ସମ୍ପୃକ୍ତ ମହିଳା ଜଣକ ଫାଇନ୍ ଦେବା ପରିବର୍ତେ ପୋଲିସ ନାମରେ ମାମଲା କରିବେ ବୋଲି ଧମକ ଦେଇଥିଲେ । ସେ କହିଥିଲେ ଯେ, ରାଜମହଲ ଛକରେ ଏପଟ ସେପଟ ବାରିକେଟ ହୋଇଥିବାରୁ ତାଙ୍କୁ ଠିକ୍ ଭାବେ ଦେଖାଯାଉନି । ତାଙ୍କର ସିଧା ଯିବାର ଥିଲା ତେବେ ଜାଣି ନ ପାରି ଭୁଲ୍ ବଶତଃ ଅନ୍ୟ ଆଡ଼େ ଚାଲିଯାଇଥିଲେ । ସେ ପୋଲିସକୁ କହିଥିଲେ ଯେ, ପୋଲିସ ତାଙ୍କର ଗାଡ଼ିକୁ ସିଜ୍ କରି ପାରିବ ନାହିଁ । ପୋଲିସ ତାଙ୍କଠୁ ପେନାଲଟି ନେଇ ଗାଡ଼ିକୁ ଛାଡ଼ିବ । ଗାଡ଼ି ଥାନାକୁ ଯିବନାହିଁ । ସେ ହେଲମେଟ୍ ପିନ୍ଧିଛନ୍ତି । ସେ କହିଛନ୍ତି ଯେ, ନୋ ଏଂଟ୍ରି ପାଇଁ ଚାଲାଣ କଟାଯାଉଥିବା ବେଳେ ନୋ ଏଂଟ୍ରିର ବୋର୍ଡ଼ କାହିଁକି ଲଗାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ । ସେ କହିଥିଲେ ଯେ, ବରିଷ୍ଠ ପୋଲିସ ଅଧିକାରୀଙ୍କୁ ଡକାନ୍ତୁ ସେ ତାଙ୍କ ସହିତ କଥାବାର୍ତା ହେବେ ।




ଖେଲ ଇଣ୍ଡିଆ ୟୁନିଭର୍ସି ଗେମ୍ସ ଚମ୍ପିଆନ ଦଳକୁ ଟ୍ରଫି ପ୍ରଦାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ଶିମଲାରେ ଭୂ-କମ୍ପ : ତୀବ୍ରତା ୩.୨

ଶିମଲା, (ପିଏନ)- ହିମାଚଳ ପ୍ରଦେଶରେ ଲଗାତାର ଅନୁଭୂତ ହେଉଥିବା ମୃଦୁ ଭୂ-କମ୍ପ ଲୋକଙ୍କ ନିଦ ହଜାଇଛି । ଗତ ୫ ଦିନ ମଧରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ଭୂ-କମ୍ପର ଝଟକା ଅନୁଭୂତ ହୋଇଛି ।

ରବିବାର ସକାଳ ୧୦ଟା ୧୩ ମିନିଟ୍ ସମୟରେ ରାଜଧାନୀ ଶିମଲାରେ ଭୂ-କମ୍ପ ଅନୁଭୂତ ହୋଇଥିଲା । ରିକ୍ଟର ସ୍କେଲରେ ଯାହାର ତୀବ୍ରତା ଥିଲା ୩.୨ । ଶିମଲାର ୩୧.୩ ଡ଼ିଗ୍ରୀ ଉତର ଅକ୍ଷାଂଶ ଏବଂ ୭୭.୪ ଡ଼ିଗ୍ରୀ ପୂର୍ବ ସ୍ଥାନରେ ଭୂମି ଠାରୁ ୫ କି.ମି. ଗଭୀରରେ ଏହି ଭୂ-କମ୍ପର କେନ୍ଦ୍ରସ୍ଥଳ ଥିଲା ।

ମୌସୁମୀ ବିଜ୍ଞାନ କେନ୍ଦ୍ର ଶିମଲାର ନିର୍ଦ୍ଦେଶକ ମନମୋହନ ସିଂହ ଏନେଇ ଅଧିକ ସୂଚନା ଦେଇ କହିଛନ୍ତି ଯେ, ଭୂମିକମ୍ପର ତୀବ୍ରତା କମ୍ ଥିବାରୁ ଏହା ବିଶେଷ କିଛି କ୍ଷୟକ୍ଷତି କରିନାହିଁ । ସେ କହିଥିଲେ ଯେ, ଗତ ଫେବୃଆରୀ ୧୮ ତାରିଖରେ ଶିମଲାରେ ୨.୯ ତୀବ୍ରତାର ଭୂ-କମ୍ପ ଅନୁଭୂତ ହୋଇଥିଲା । ଫେବୃଆରୀ ୨୬ ତାରିଖ ଠାରୁ ରାଜ୍ୟରେ ପ୍ରତିଦିନ ଭୂମିକମ୍ପର ଝଟକା ଅନୁଭୂତ ହେଉଛି । ଶିମଲା ବ୍ୟତୀତ କୁଲ୍ଲୁ ଓ ଚମ୍ବାରେ ମଧ ଭୂମିକମ୍ପର ଝଟକା ଅନୁଭୂତ ହୋଇଛି ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଭୂମିକମ୍ପ ଦୃଷ୍ଟିରୁ ହିମାଚଳପ୍ରଦେଶ ଅତିସମ୍ବେଦନଶୀଳ ଜୋନ୍ ୪ ଓ ୫ ରେ ସମ୍ମିଳିତ ରହିଛି । ଗତ ୧୯୦୫ ମସିହାରେ ରାଜ୍ୟର ଚମ୍ବା ଓ କାଙ୍ଗଡ଼ା ଜିଲ୍ଲାରେ ଆସିଥିବା ପ୍ରଳୟଙ୍କରୀ ଭୂମିକମ୍ପରେ ପ୍ରାୟ ୧୦ ହଜାର ଲୋକ ପ୍ରାଣ ହରାଇଥିଲେ ।

### ଏସସିବିକୁ ବିଶ୍ୱ ସ୍ତରୀୟ କରିବାର ପ୍ରୟାସ

# ମୁଖ୍ୟମନ୍ତ୍ରୀ ଏସସିବି ପାଇଁ ୧୦ ବିଶିଷ୍ଟ ଚିକିତ୍ସାବିତଙ୍କୁ ପରାମର୍ଶଦାତା ନିଯୁକ୍ତି

ଭୁବନେଶ୍ୱର, (ପିଏନ)- କଟକ ସ୍ଥିତ ଏସସିବି ମେଡ଼ିକାଲ କଲେଜ ହସ୍ପିଟାଲକୁ ବିଶ୍ୱସ୍ତରିୟ କରିବା ପାଇଁ ରାଜ୍ୟ ବଜେଟରେ ଘୋଷଣା ହେବା ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ଦିଗରେ ପ୍ରକ୍ରିୟା ଆରମ୍ଭ କରିଛନ୍ତି । ମୁଖ୍ୟମନ୍ତ୍ରୀ ଏହି ପ୍ରକ୍ରିୟା ସ୍ୱରୂପ ୧୦ ଜଣ ବିଶିଷ୍ଟ ଚିକିତ୍ସାବିତଙ୍କୁ ଏସସିବିର ପରାମର୍ଶଦାତା ଭାବେ ନିଯୁକ୍ତି ଦେଇଛନ୍ତି । ଏଥିମଧରେ ୭ ଜଣ ପଦ୍ମଶ୍ରୀ ବିଜେତା ରହିଥିବା ବେଳେ ୪ ଜଣ ଆଲୁମିନି ରହିଛନ୍ତି । ନିଯୁକ୍ତି ପାଇଥିବା ଚିକିତ୍ସାବିତ୍ ମାନେ ହେଲେ ପଦ୍ମଶ୍ରୀ ପ୍ରଫେସର ଡା. ରମାକାନ୍ତ ପଣ୍ଡା, ପଦ୍ମଶ୍ରୀ ପ୍ରଫେସର ଡା. ମୁକୁଟ ମିଞ୍ଜ, ପଦ୍ମଶ୍ରୀ ପ୍ରଫେସର ଡା. ଦେବୀ ଶେଟ୍ଟୀ, ପଦ୍ମଶ୍ରୀ ପ୍ରଫେସର ଡା. ରଞ୍ଜନ ବଦଓ୍ୱେ, ପଦ୍ମଶ୍ରୀ ପ୍ରଫେସର ଡା. କେ. ଶ୍ରୀନାଥ ରେଡ୍ଡି, ପଦ୍ମଶ୍ରୀ ପ୍ରଫେସର ଡା. ସୁବ୍ରତ ଆଚାର୍ଯ୍ୟ, ପଦ୍ମଶ୍ରୀ ପ୍ରଫେସର ଡା. ଦିଗାମ୍ବର ବେହେରା, ପ୍ରଫେସର ଡା. ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପ୍ରଫେସର ଡା. ଜଗତ ନରୁଲା, ପ୍ରଫେସର ଡା. ଜି.ଏନ. ରାଓ । ଭେଶଜ ଶିକ୍ଷା ଓ ତାଲିମର ନିର୍ଦ୍ଦେଶକ ଏହାର ସଦସ୍ୟ ଆବାହକ ହେବେ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି ।

# ଆତଙ୍କବାଦ ପ୍ରତି କେନ୍ଦ୍ର ସରକାରଙ୍କର ଜିରୋ ଟଲୋରେନ୍ସ ନୀତି : ଶାହା

କୋଲକାତା : କେନ୍ଦ୍ରଗୃହମନ୍ତ୍ରୀ ଅମିତ ଶାହା ରବିବାର ପୂର୍ବାହ୍ନରେ କୋଲକାତାର ରାଜାରହାଟରେ ଏନଏସଜିର ୨୯ ତମ ବିଶେଷ ସମଗ୍ର ସମୂହ ପରିସରର ଉଦଘାଟନ କରିଛନ୍ତି । ସକାଳ ୧୧.୪୫ରେ ସେ ଏହାର ଉଦଘାଟନ କରିବା ଅବସରରେ ଏନଏସଜିର ବହୁ ବଡ ଅଧିକାରୀ ଉପସ୍ଥିତ ଥିଲେ ।

ଏହି ଅବସରରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ତାଙ୍କ ଉଦବୋଧନ ଦେଇକହିଛନ୍ତି ଯେ ଆତଙ୍କବାଦ ପ୍ରତି ଭାରତ ସରକାର ନୀତି ଜିରୋ ଟଲରେନ୍ସର ରହିଛି । ଏହି ନୀତିକୁ ପୂରା କରିବାରେ ଏନଏସଜିର ଜବାନ ମାନଙ୍କରଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ସେ କହିଛନ୍ତି ଯେ ସମୟ ବଦଳିବା ସହ ଟେକ୍ନୋଲୋଜିର ବିକାଶ ହେଉଛି ଓ ଅସ୍ତ୍ରଶସ୍ତ୍ର ମଧ୍ୟ ବୃଦ୍ଧି ପାଉଛି, କିନ୍ତୁ ଏନଏସଜି ଜବାନ ମାନଙ୍କର ସାହସର ଏହା ବିକଳ୍ପ ନୁହେଁ । ଶ୍ରୀ ଶାହା କହିଛନ୍ତି ଯେ ପାଂଚ ବର୍ଷ ମ୍ଳରେ ଭାରତ ସରକାରଙ୍କ ଠାରୁ ଏନଏସଜି ଯେଉଁ ଆଶା ରଖିଛି ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ନିଶ୍ଚିତ ଭାବେ ପୂରଣ କରିବେ । ସେ କହିଛନ୍ତି ଯେ ବିଶ୍ୱର ଯେ କୌଣସି ଆତଙ୍କବାଦ ବିରୋଧୀ ଶକ୍ତି ଅପେକ୍ଷା ଏନଏସଜି ଅଧିକସକ୍ଷମ ଗୃହମନ୍ତ୍ରୀ କହିଛନ୍ତି ଯେ ସମୟ ସହିତ ଆତଙ୍କବାଦୀମାନେ ସେମାନଙ୍କରଣନୀତି ବଦଳାଇଛନ୍ତି । ଦେଶର ସୁରକ୍ଷା ପାଇଁ ନରେନ୍ଦ୍ର ମୋଦୀଙ୍କ ସରକାର ଲଗାତାର ବ୍ୟବସ୍ଥା କରୁଛନ୍ତି । ଉକ୍ତ ସରକାର ସର୍ଜିକାଲ ଷ୍ଟ୍ରାଇକ ଏବଂ ଏୟାର ଷ୍ଟ୍ରାଇକ କରିଥିଲେ । ଏହାପୂର୍ବରୁ ଆମେରିକା ଏବଂ ଇସ୍ରାଏଲର ନାମ ଶତ୍ରୁ ଦେଶରେ ପ୍ରବେଶ କରିବା ଏବଂ ଆକ୍ରମଣ କରିବା ପାଇଁ ବ୍ୟବହୃତହେଉଥିଲା । ଆଜି ଭାରତ ତୃତୀୟ ଦେଶ ଭାବରେ ଉଭା ହୋଇଛି । ସେ କହିଛନ୍ତି ଯେ କେନ୍ଦ୍ର ସରକାରଭାରତକୁ ସମଗ୍ର ବିଶ୍ୱରେ ଆଗରେ ରଖିବାକୁ ଚାହୁଁଛନ୍ତି । ମୋଦୀ ସରକାରଙ୍କ ସହ ସୈନିକ ମାନଙ୍କର ପରିବାରର ସୁରକ୍ଷା ହେଉଛି ପ୍ରଥମ ପ୍ରାଥମିକତା ।

# ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ ହେଲେ ସଞ୍ଜୀୟ ଦାସବର୍ମା



ଭୁବନେଶ୍ୱର, (ପିଏନ)- ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ସଞ୍ଜୀୟ ଦାସବର୍ମାଙ୍କୁ ନୂତନ ଦାୟିତ୍ୱ ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ରାଜ୍ୟ ଯୋଜନା ବୋର୍ଡର ଉପାଧକ୍ଷ ଭାବରେ ନିଯୁକ୍ତ କରିଛନ୍ତି । ତାଙ୍କୁ କ୍ୟାବିନେଟ ପାହ୍ୟା ମିଳିବ । ସୂଚନାଯୋଗ୍ୟ ଯେ ସଞ୍ଜୀୟ ଦାସବର୍ମା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପୂର୍ବ କାର୍ଯ୍ୟକାଳରେ ସେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ଦାୟିତ୍ୱ ତୁଲାଇଥିଲେ । କିନ୍ତୁ ଏଥର ୨୦୧୯ ନିର୍ବାଚନରେ ସେ ବ୍ରହ୍ମଗିରି ବିଧାନସଭା ଆସନରୁ ବିଜେପି ପ୍ରାର୍ଥୀଙ୍କ ଠାରୁ ପରାଜିତ ହୋଇଥିଲେ । ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷଭାବେ ନିଯୁକ୍ତି ଦେଇଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେଇଛନ୍ତି ସଂଜୟ ଦାସବର୍ମା । ଯୋଜନା ବୋର୍ଡକୁ କିପରି କ୍ରିୟାଶୀଳ କରା ଯାଇ ପାରିବ ସେଥି ନେଇ ମୁଖ୍ୟମନ୍ତ୍ରୀଙ୍କ ସହ ବ୍ୟକ୍ତିଗତ ଭାବେ ଆଲୋଚନା କରିବି ବୋଲି କହିଛନ୍ତି ସଂଜୟ ଦାସବର୍ମା । ରାଜ୍ୟ ଯୋଜନା ବୋର୍ଡର ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇବା ସମ୍ପର୍କରେ ଘୋଷଣା ହେବା ପରେ ପ୍ରତିକ୍ରିୟା ପ୍ରକାଶ କରି ସେ ଏହାକହିଛନ୍ତି ।

# ଭୁବନେଶ୍ୱର-କଟକ ମଧ୍ୟରେ ଚାଲିଲା ଜନସାଧାରଣ ସ୍ପେସିଆଲ ଟ୍ରେନ୍

ଭୁବନେଶ୍ୱର,(ପିଏନ)- ଟ୍ରେନ ଯାତ୍ରୀ ମାନଙ୍କର ଚାହିଦାକୁ ଦୃଷ୍ଟିରେ ରଖି ଏବଂ ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟ ନଗରୀ ସହିତ ଆଖପାଖ ଯାତ୍ରୀମାନଙ୍କ ଗମନାଗମନ ପାଇଁ ସୁବିଧା ଯୋଗାଇଦେବାକୁ ରେଳମନ୍ତ୍ରଣାଳୟ ପକ୍ଷରୁ ଭୁବନେଶ୍ୱର ଓ କଟକ ମଧ୍ୟରେ ଏକ ଜନସାଧାରଣ ସ୍ପେସିଆଲ ଟ୍ରେନ ରବିବାର ଠାରୁ ଆରମ୍ଭ ହୋଇଛି । ଏହି ଟ୍ରେନ ଚଳାଚଳ ପାଇଁ ଯାତ୍ରୀ ମାନେ ସନ୍ତୋଷ ପ୍ରକାଶ କରିଛନ୍ତି । ଏହା ଦ୍ୱାରା ଭୁବନେଶ୍ୱର, କଟକ ବ୍ୟତୀତ ଆଖପାଖ ଗାଁର ଯାତ୍ରୀ ମାନଙ୍କୁ ଲାଭ ମିଳିବ ବୋଲି ସେମାନେ ପ୍ରକାଶ କରିଛନ୍ତି ।

ଏହି ଟ୍ରେନକୁ ଏକ ମାସ ପାଇଁ ପରୀକ୍ଷାମୂଳକ ଭାବେ ଚଳା ଯାଉଛି । ପୂର୍ବତଟ ରେଳବାଇ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ଟ୍ରେନ ୦୮୪୬୦ ଭୁବନେଶ୍ୱର-କଟକ ଜନସାଧାରଣ ସ୍ପେସିଆଲ ଟ୍ରେନ ବାଣୀବିହାର, ମଂଚେଶ୍ୱର, ପଟିଆ, ଭୁବନେଶ୍ୱର ନୂଆ, ବାରଙ୍ଗ, ଗୋପାଳପୁର ବାଲିକୁଦା ଓ କାଠଯୋଡ଼ି ଷ୍ଟେସନ ମାନଙ୍କରେ ରହଣି କରିବାକୁ ଥିବାବେଳେ ଫେରିବା ପଥରେ ଏହା କଟକ ଓ ଭୁବନେଶ୍ୱର ମଧରେ କେନ୍ଦ୍ରାପଡ଼ା ରୋଡ଼, ମଙ୍ଗୁଳି ଚୌଦ୍ୱାର, ନିର୍ଗୁଣ୍ଡି, ଶାଳଗାଁ, ଚରବାଟିଆ, ବଡପଦାଗାଁ, ଗୁରୁଡ଼ିଝାଟିଆ, ମାଛପୁର, ରାଧାକିଶୋରପୁର, ଘଂଟିଖାଲ ନିଧିପୁର, ସର୍ପେଶ୍ୱର, ନରାଜ ମାର୍ଥାପୁର, ବାରଙ୍ଗ, ଭୁବନେଶ୍ୱର ନୂଆ, ପଟିଆ ମଂଚେଶ୍ୱର ଓ ବାଣୀବିହାର ଷ୍ଟେସନ ମାନଙ୍କରେ ରହଣି କରିବ । ଭୁବନେଶ୍ୱର ଓ କଟକ ମଧରେ ଏହି ସ୍ପେସିଆଲ ଟ୍ରେନ ଚଳାଚଳ ପାଇଁ ଏକ ମେମୁ ଟ୍ରେନ କୁ ଉପଯୋଗ କରାଯିବ । ଭୁବନେଶ୍ୱର ଓ କଟକ ଦ୍ୱୈତ୍ୟ ନଗରୀ ସହିତ ଆଖପାଖ ଯଥା ଚୌଦ୍ୱାର, ଆଠଗଡ଼, ବଡମ୍ବା, ନରସିଂହପୁର ଓ ଢେଙ୍କାନାଳ ଜିଲ୍ଲାର କିଛି ଅଂଚଳର ଯାତ୍ରୀମାନଙ୍କ ଗମନାଗମନ ପାଇଁ ସହାୟକ ହେବ ।








## ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ।

## ପୁରାଣ କାହାଣୀ

# ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା। ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି। ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲେ।ଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ। |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି। |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ୍ୟ ଲାଭରୁ ଖୁସି ହେବେ। |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ। |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ। |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ। |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ୍ୟ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ। |
| ବିଛା | ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ। |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ। |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ। |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ। |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ। |

# ବହୁ ବିବାହ ପାଇଁ ସହଯୋଗ କରୁଛି ୱେବସାଇଟ

ଦ୍ୱିତୀୟ ବିବାହ କିମ୍ବା ବହୁ ବିବାହ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କ ପାଇଁ ବ୍ରିଟେନର ଉଦ୍ୟୋଗୀ ୩୩ବର୍ଷିୟ ଆଜାଦ ଚାୟବାଲା ଯେଉଁ ମ୍ୟାଚ ମେକିଂ ସାଇଟ ଆରମ୍ଭ କରିଛନ୍ତି ତାହା ଏବେ ବଡ଼ ସଫଳତା ଆଡକୁ ଗତି କରୁଛି। ୨୦୧୪ ମସିହାରେ ସେ ସେକେଣ୍ଡୱାଇଫ ଡଟ କମ ୱେବସାଇଟ ଆରମ୍ଭ କରିଥିଲେ। ଆଜାଦଙ୍କ କହିବା ଅନୁସାରେ ମାତ୍ର ଦୁଇବର୍ଷ ମଧ୍ୟରେ ଏହି ୱେବସାଇଟର ସଦସ୍ୟଙ୍କ ସଂଖ୍ୟା ୧ହଜାର ଟପି ଗଲାଣି। ସାଧାରଣତଃ ବ୍ରିଟେନ ଏବଂ ଆମେରିକାରେ ଦ୍ୱିତୀୟ ବିବାହ ଆଇନ ଅନୁଯାୟୀ ଅପରାଧ ହୋଇଥିଲା ବେଳେ ୱେବସାଇଟରେ ଅଧିକ ତାଲିକାଭୁକ୍ତ ସଦସ୍ୟ ହେଉଛନ୍ତି ଏହି ଦୁଇ ଦେଶରା ଭାରତ, ପାକିସ୍ତାନ ଏବଂ ଅନ୍ୟ ଏସିୟ ରାଷ୍ଟ୍ରର ଲୋକେ ମଧ୍ୟ ୱେବସାଇଟରେ ସଦସ୍ୟ ଅଛନ୍ତି। ତେବେ କେତେଜଣ ଏହି ୱେବସାଇଟ ମାଧ୍ୟମରେ ଦ୍ୱିତୀୟ ବିବାହ କିମ୍ବା ବହୁ ବିବାହ କରିଛନ୍ତି ତାହାର ସୂଚନା ଆଜାଦଙ୍କ ନିକଟରେ ନାହିଁ। ତେବେ ସେ କହିଛନ୍ତି ଯେ ମୋତେ ୧୦୦ରୁ ଅଧିକ ପତ୍ର ମିଳିଛି, ଯେଉଁଥିରେ ଲୋକେ ବହୁ ବିବାହ ପାଇଁ ମାର୍ଗ ଦର୍ଶନ ନିମନ୍ତେ ଧନ୍ୟବାଦ ଦେଇଛନ୍ତି। ଆଜାଦଙ୍କ ଯୁକ୍ତି ହେଉଛି ସଂକୀର୍ଣ୍ଣତା,

# ମୁକ୍ତଚିନ୍ତନବାଦୀ ବ୍ରିଟିଶ୍ ରାଜନେତା ଚାର୍ଲସ୍ ବ୍ରାଡ଼ଲାଫ ଥିଲେ ଜଣେ "ସଚ୍ଚା ହେତୁବାଦୀ"



ସ୍ୱପ୍ନା ବିଜୟିନୀ

**Who is a Rationalist ?** ଜଣେ ରେସ୍‌ନାଲିଷ୍ଟ କହିଲେ ଆମେ କ'ଣ ବୁଝୁ ? କେଉଁ ବ୍ୟକ୍ତିଙ୍କୁ ଆମେ ରେସ୍‌ନାଲିଷ୍ଟ ବା ହେତୁବାଦୀ ବୋଲି କହି ପାରିବା ?

**ମୋ ବିଚାରରେ ଜଣେ ବ୍ୟକ୍ତିଙ୍କୁ ଆମେ ରେସ୍‌ନାଲିଷ୍ଟ କହିପାରିବା ଯଦି ତାଙ୍କ ପାଖରେ ଦୁଇଟି ସାମର୍ଥ୍ୟ ଥିବ:-**

ପ୍ରଥମତଃ ତାଂକ ପାଖରେ ଥିବ ଜଟିଳ ପ୍ରଶ୍ନ ପଚାରିବାର ସାମର୍ଥ୍ୟ **(The Ability to Question Difficult Questions)**

ଦ୍ୱିତୀୟତଃ ତାଂକ ପାଖରେ ଥିବ ଅପ୍ରିୟ ସତ କହିବାର ସାମର୍ଥ୍ୟ **(The Ability to Tell the Blunt Truth)**

ପ୍ରଶ୍ନ କରିବାର ସାମର୍ଥ୍ୟ ଓ ସତ କହିବାର ସାମର୍ଥ୍ୟ ଯେଉଁ ବ୍ୟକ୍ତିଙ୍କ ପାଖରେ ଥାଏ ସେ ହେଉଛନ୍ତି 'ସଚ୍ଚା ହେତୁବାଦୀ" । ଏପରି ଏକ ବ୍ୟକ୍ତି ଥିଲେ ୧୮୩୩ ମସିହା ସେପ୍ଟେମ୍ବର ମାସ ୨୬ ତାରିଖରେ ଜନ୍ମ ଲାଭ କରିଥିବା ବ୍ରିଟିଶ୍ ରାଜନେତା ଚାର୍ଲସ୍ ବ୍ରାଡ଼ଲାଫ୍ **(Charles Bradlaugh)**।

ଚାର୍ଲସ୍ ବ୍ରାଡ଼ଲାଫ୍‌ଙ୍କର ଏହି ଗୁଣାବଳୀ ଯୋଗୁଁ ତାଂକ ନିର୍ବାଚନ ମଣ୍ଡଳୀ ନର୍ଥାମଟନ୍ **(Northhamton)** ସହରର ଆବିଂଟନ୍ ଛକରେ ତାଂକର ଯେଉଁ ବିରାଟ ପ୍ରତିମୂର୍ତ୍ତି ରହିଛି ସେଥିରେ ଇଂରାଜୀରେ ଲେଖା ଯାଇଛି **"Thorough"** 'ଥରୋ' । ଯେଉଁ ବିଷୟରେ ତାଂକର କହିବାର ଥାଏ ସେହି ବିଷୟରେ ସେ ଆଗ ଗଭୀର ଅଧ୍ୟୟନ କରୁଥିଲେ ଏବଂ ତା ପରେ ସେ ତାଂକର ବ୍ୟକ୍ତବ୍ୟ ରଖୁଥିଲେ । ତାଂକର ଯୁକ୍ତି ଅକାଟ୍ୟ ସ୍ତରୀୟ ହେଉଥିଲା । ସେଥିପାଇଁ ତାଂକୁ ଜଣେ **"Thorough"** ରେସ୍‌ନାଲିଷ୍ଟ ବୋଲି କୁହାଯାଉଥିଲା ।

**ଜଣେ ହେତୁବାଦୀଙ୍କ ପାଖରେ ନିର୍ଭୀକତା ୧୦୦ ରୁ ୧୦୦ ଭାଗ ଥିବା ଦରକାର:**

ଅନବରତ ଭାବରେ ପ୍ରଶ୍ନ ପଚାରିବା ଓ ସତ ସପକ୍ଷରେ ସତ୍ ସାହସର ସହ ଛିଡ଼ା ହେବା ପାଇଁ ଯେଉଁ ବ୍ୟକ୍ତିଙ୍କର ଶକ୍ତି ଥାଏ ତାଙ୍କୁ ନିର୍ଭୀକ ହେତୁବାଦୀ କୁହାଯାଏ । ଏପରି ବ୍ୟକ୍ତିଙ୍କୁ ବଂଚିଥିବା ବେଳେ ସମ୍ମାନ ମିଳିଥାଏ ଏବଂ ମୃତ୍ୟୁ ପରେ ମଧ୍ୟ ତାଂକ ପ୍ରତି ଜନସାଧାରଣଙ୍କ ସମ୍ମାନ ଅତୁଟ ଥାଏ । ଜଣେ ହେତୁବାଦୀ ବ୍ୟକ୍ତି ସତ୍ ପ୍ରତିଶତ ନିର୍ଭୀକ ହେବା ଦରକାର । ଏପରି ନିର୍ଭିକତା ଚାର୍ଲସ୍ ବ୍ରାଡ଼ଲାଫଙ୍କ ପାଖରେ ରହିଥିଲା ।

**ଚାର୍ଲସ୍ ବ୍ରାଡ଼ଲାଫ୍‌ଙ୍କ ଶିକ୍ଷାଗତ ଯୋଗ୍ୟତା : ତାଙ୍କର ଆଗ୍ରହ ଓ ସଂକଳ୍ପ**

ଚାର୍ଲସ୍ ବ୍ରାଡ଼ଲାଫ୍‌ଙ୍କ ଶିକ୍ଷାଗତ ଯୋଗ୍ୟତା ମାତ୍ର ଥିଲା ୬ଷଷ୍ଠ ଶ୍ରେଣୀ ଯାଏ । ଏକ ସନ୍‌ଡ଼େ ସ୍କୁଲରେ ସେ ଖ୍ରୀଷ୍ଟଧର୍ମ ସମ୍ବନ୍ଧୀୟ ପାଠ ପଢ଼ାଇବା ପାଇଁ ସୁଯୋଗ ପାଇଥିଲେ । ମାତ୍ର ଧର୍ମବାଣୀ ଭିତରେ ସାମଞ୍ଜସ୍ୟ ରହୁନଥିବାରୁ ସେ ତାଙ୍କ ନିଯୁକ୍ତିଦାତାଙ୍କୁ ପ୍ରଶ୍ନ କରିଥିଲେ । ଏପରି ପ୍ରଶ୍ନ ପଚାରିବା କାରଣରୁ ସେ ତାଂକ ଦାୟିତ୍ୱ, ତାଙ୍କ ଚାକିରୀ ହରାଇଥିଲେ । ସେ ଯେ ଜଣେ ନିରୀଶ୍ୱରବାଦୀ ଓ ନିର୍ଭୀକ ବ୍ୟକ୍ତି ତାହା ଉକ୍ତ ଘଟଣାରୁ ବେଶ ଜଣାପଡ଼ିଥିଲା ।

ଚାର୍ଲସ୍ ବ୍ରାଡ଼ଲାଫ ଅନ୍ଧବିଶ୍ୱାସର ଘୋର ବିରୋଧୀ ଥିଲେ । ତାଂକର ପ୍ରବଳ ଇଚ୍ଛା ଶକ୍ତି ଥିଲା । ଇଂରାଜୀରେ ଲେଖା ଯାଇଥିବା ସମସ୍ତ ଉନ୍ନତମାନର ପୁସ୍ତକ ଅଧ୍ୟୟନ କରି ସେ ରାଜତନ୍ତ୍ରର ବିରୋଧି ହେଲେ । ଏହି ବିରୋଧୀତା ତାଂକୁ ସାମ୍ରାଜ୍ୟବାଦର ମଧ୍ୟ ବିରୋଧୀ କରିଥିଲା । ତାଂକ ନିକଟରେ ଈଶ୍ୱର ବିଶ୍ୱାସ ଅର୍ଥହୀନ ସ୍ତରରେ ଥିଲା । କାରଣ ସେ କୋପରନିକସ୍‌ଙ୍କ ସୌରଜଗତ ସମ୍ବନ୍ଧୀୟ ଜ୍ଞାନକୁ ସମ୍ମାନ ଦେଉଥିଲେ । ମୁଣ୍ଡ ଉପରେ ଆକାଶ । ପାଦ ତଳେ ଧରିତ୍ରୀ । ସ୍ୱର୍ଗ ନାହିଁ କି ନର୍କ ନାହିଁ । ତେଣୁ କୌଣସି ଦୂତ ବା ମେସେଞ୍ଜର ସ୍ୱର୍ଗରୁ ଭଗବାନ **"God"** ପଠାଇ ନାହାନ୍ତି । ଅର୍ଥାତ୍, ଆଲ୍ଲା, ଯୀଶୁ, ପ୍ରଫେଟ୍ ମହମଦ୍, ରାମ, କୃଷ୍ଣ, ଦୁର୍ଗା, ପାର୍ବତୀ, ଶିବ, ବିଷ୍ଣୁ, କାର୍ତିକ, ଗଣେଶ, ସରସ୍ୱତୀ - ଏସବୁ ମଧ୍ୟରୁ କୌଣସି ଗୋଟିଏ ହେଲେ କିଛି ଅର୍ଥ ରଖୁ ନଥିଲା । ସେ ସେଥିପାଇଁ ଈଶ୍ୱରଙ୍କ ନାଁରେ ଶପଥ ନେବେ ନାହିଁ ବୋଲି ସଂକଳ୍ପ ନେଇଥିଲେ । ବ୍ୟକ୍ତି ମର୍ଯ୍ୟାଦା ଓ ବାକ୍ ସ୍ୱାଧୀନତାକୁ ସେ ସର୍ବାଧିକ ଗୁରୁତ୍ୱ ଦେଉଥିଲେ । ଚାର୍ଲସ୍ ବ୍ରାଡ଼ଲାଫ୍ ସାମ୍ରାଜ୍ୟବାଦର ବିରୋଧି ଥିବାରୁ ସେ ଭାରତର ସ୍ୱାଧୀନତା ପାଇଁ ସତ୍ ସାହସର ସହ ପାର୍ଲିଆମେ[ରେ ଦୃଢ଼ ଦାବି ଉପସ୍ଥାପନ କରିପାରୁଥିଲେ ।

"ଜନ ସାଧାରଣ ଦୁଃଖଦୁର୍ଦ୍ଦଶା ମଧ୍ୟରେ ରହିବେ ନାହିଁ"- ଏହା ମଧ୍ୟ ତାଙ୍କର ଏକ ମୌଳିକ ଲକ୍ଷ୍ୟ ଥିଲା ।"

ଜନ ସାଧାରଣ ଦୁଃଖ ଦୁର୍ଦ୍ଦଶା ମଧ୍ୟରେ ରହିବେ ନାହିଁ । ସୁଖରେ ରହିବା ପାଇଁ ପରିବାର ନିୟୋଜନ ଯେ ନିହାତି ଦରକାର ତାହା ସେ ସର୍ବପ୍ରଥମେ ବୁଝିପାରିଥିଲେ । ବ୍ରିଟିଶ୍ ମାଟିରେ ଏ ବିଷୟରେ ସେ ସ୍ୱର ଉତୋଳନ କରିବା ପାଇଁ ଆଦୌ ପଛଘୁଂଚା ଦେଉନଥିଲେ । ଏ ବିଷୟରେ ସେ (**Fruits of Philosophy**) ନାମକ ପୁସ୍ତକର ପ୍ରକାଶନ ଗ୍ରେଟ୍ ବିଟ୍ରେନ୍‌ରେ କରିଥିବାରୁ ତାଂକ ନାମରେ କୋର୍ଟ କଚେରୀରେ ମାମଲା ଦାଖଲ କରାଯାଇଥିଲା । ଯଦି ପରିବାର ନିୟୋଜନ କାର୍ଯ୍ୟକ୍ରମ ଚାଲୁ କରାଯାଏ, ତେବେ ନାରୀ ଚରିତ୍ରରେ ପବିତ୍ରତା ରହିବ ନାହିଁ । ଏପରି ଅଭିଯୋଗ ତାଂକ ନାମରେ ଆସିଥିଲା । ଆଗତ ଅଭିଯୋଗର ବିଚାର କରି ତଳ କୋର୍ଟ ତାଂକ ପ୍ରତି ୬ ମାସ ଜେଲଦଣ୍ଡ ଜାରି କରିଥିଲେ । ମାତ୍ର ଉପର କୋର୍ଟରେ ସେ ଯେଉଁ ନୈତିକ-ଧର୍ମୀ ବକ୍ତବ୍ୟ ରଖିଥିଲେ ତା'ର ଯଥାର୍ଥତାକୁ ବିଚାରକୁ ନେଇ ବିଚାରପତି ତାଂକୁ ଦଣ୍ଡମୁକ୍ତ କରିଥିଲେ । ପିଲାଟିକୁ ଜନ୍ମ ଦେଇ ତାର ଲାଳନ ପାଳନ, ତାକୁ ଖାଦ୍ୟ ପୋଷାକ ଠିକ୍ ଭାବେ ଯୋଗାଇ ନପାରିବା ହେଉଛି ଏକ ଅନୈତିକ କାର୍ଯ୍ୟ । ଜନ୍ମ ଦେବା ଏବଂ ଜନ୍ମିତ ସନ୍ତାନକୁ ଅବହେଳିତ ଅବସ୍ଥାରେ ରଖି ତା'ର ଅସମୟ ମୃତ୍ୟୁ ଘଟାଇବା ହେଉଛି ସବୁଠାରୁ ଏକ ଅନୈତିକ କାର୍ଯ୍ୟ । ତେଣୁ ପରିବାର ନିୟୋଜନ ନିହାତି ଦରକାର । ଏପରି ନିର୍ଭୀକ ଏବଂ ସଚ୍ଚୋଟ ଯୁକ୍ତି କୋର୍ଟରେ ରଖିଥିଲେ ଚାର୍ଲସ୍ ବ୍ରାଡ଼ଲାଫ୍ । ତାଂକର ଏହି ଜନହିତକାରୀ କାର୍ଯ୍ୟରେ ବିଶିଷ୍ଟ ନାରୀ ନେତ୍ରୀ ଆନ୍ନି ବେସାନ୍ତ (**(Annie Besanta:1847-1933)** ସହଯୋଗ କରିଥିଲେ ।

**ହିଂସାତ୍ମକ ଉପାୟରେ ଲକ୍ଷ୍ୟ ହାସଲ କରିବା ସପକ୍ଷରେ ବ୍ରାଡ଼ଲାଫ୍ ଆଦୌ ନଥିଲେ ।**

ହିଂସାତ୍ମକ ଉପରେ କୌଣସି ଉଦ୍ଦେଶ୍ୟ ସାଧିତ ହେବା ଅନୁଚିତ । ଏଥିରେ ନିର୍ଭୀକତା ଦେଖାଇବାର କୌଣସି ମାନେ ନାହିଁ ବୋଲି ବ୍ରାଡ଼ଲାଫ୍ କହୁଥିଲେ । ହେତୁବାଦୀ ବ୍ରାଡ଼ଲାଫ୍ ଜଣେ ମାନବବାଦୀ ଜନନେତା ଥିଲେ । ରକ୍ତପାତରେ କୌଣସି ତାଂକର ବିଶ୍ୱାସ ନଥିଲା । ଅର୍ଥାତ୍ ସେ ସନ୍ତ୍ରାସବାଦ ଓ ଆତଙ୍କବାଦର ବିରୋଧୀ ଥିଲେ । ନିଜ ଦେହରେ ବୋମା ଖଞ୍ଜି ନିଜର ଜୀବନକୁ ବିଭସ୍ସ ରୂପେ ଉଡ଼ାଇବା ସହ ଅନ୍ୟମାନଙ୍କ ଜୀବନ ନେବା ଦ୍ୱାରା କୌଣସି ଉଚିତ୍ କାର୍ଯ୍ୟ ସାଧିତ ହୋଇ ନଥାଏ । ଏପରି ହିଂସାତ୍ମକ ରାସ୍ତାର ପଥିକ ନଥିଲେ ହେତୁବାଦୀ ଜନନେତା ଚାର୍ଲସ୍ ବ୍ରାଡ଼ଲାଫ୍ ।

**"ରେସ୍‌ନାଲିଷ୍ଟ୍ ହେବାର ବ୍ୟାପକତା" କେବଳ ନିଜ ବ୍ୟକ୍ତିଗତ ଜୀବନ ଭିତରେ ସୀମିତ ରଖିବା ଠିକ୍ ନୁହେଁ ।**

ଯଦି ସମାଜରେ ସେମିତି କିଛି ସମସ୍ୟା ନାହିଁ, ତାହା ହେଲେ ବ୍ୟକ୍ତିଗତ ଜୀବନରେ ଆପଣଙ୍କ ରେସ୍‌ନାଲିଜିମ୍‌ର ନୀତି ଓ କାର୍ଯ୍ୟ କଳାପ ସୀମିତ ରହିଲେ ବ । କାରଣ ସବୁ ଘରେ ଆପଣଙ୍କ ପରି ହେତୁବାଦୀ ତଥା ଆଦର୍ଶବାଦୀ ବ୍ୟକ୍ତି ରହିଛନ୍ତି । କିନ୍ତୁ ସମାଜରେ ଯଦି ଅନରକିଲିଂ ରହିଛି, ଯଦି କରପ୍‌ସନ୍ ବା ଦୁର୍ନୀତି ହେଉଛି, ଯଦି ସାଧାରଣ ଜନତା ଅନ୍ଧବିଶ୍ୱାସର ଶୀକାର ହେଉଛନ୍ତି, ତେବେ ଆପଣ ରେସ୍‌ନାଲିମ୍‌କୁ ଘରର ଚାରି କାନ୍ଥ ଭିତରେ ଆବଦ୍ଧିତ କରି ରଖିବାଟା ଠିକ୍ ହେବ ନାହିଁ । ତଦ୍ୱାରା ରେସ୍‌ନାଲିଜିମ୍ ପ୍ରତି ଅନ୍ୟାୟ କରାଯାଉଛି ବୋଲି କୁହାଯାଇପାରିବ । ଅର୍ଥାତ୍ ଆପଣ ଜଣେ ସଚ୍ଚୋଟ ହେତୁବାଦୀ ନୁହଁନ୍ତି ।

**"ଚାର୍ଲସ୍ ବ୍ରାଡ଼ଲାଫ ଥିଲେ ବହୁମାତ୍ରରେ ଦୃଢ଼ମନା" - ସେ ଏକ ସଂକଳ୍ପବାନ ବ୍ୟକ୍ତି ଥିଲେ ।**

ଚାର୍ଲସ୍ ବ୍ରାଡ଼ଲାଫ ଚାହିଁଥିଲେ କର୍ମ୍ପ୍ରୋମାଇଜ୍ କରି ପ୍ରଥମ ଥର ନିର୍ବାଚନ ଜିତିଲା ପରେ ହାଉସ୍ ଅଫ୍ କମନ୍‌ସର ସଦସ୍ୟ ହୋଇପାରିଥାନ୍ତେ । ମାତ୍ର ସେ ସେପରି ନକରି ରେସ୍‌ନାଲିଜିମ୍‌କୁ ନିଜ ବ୍ୟକ୍ତିଗତ ଜୀବନ ପରିଧି ଭିତରେ ନରଖି ସବୁ ଦିନ ପାଇଁ ଓ ସମସ୍ତଙ୍କ ପାଇଁ (ଆଇ ଡୁ ସ୍ୱୟେର ଇନ୍ ଦ ନେମ୍ ଅଫ୍ ଗଡ୍ **(I do swear in the name of God)** ର ଏକ ବିକଳ୍ପ ସୃଷ୍ଟି କରିବାକୁ ଚାହୁଁଥିଲେ । ଏଥିପାଇଁ ତାଂକୁ ଜେଲ୍ ଯିବାକୁ ପଡିଥିଲା । ଏଥିପାଇଁ ତାଙ୍କୁ ଫାଇନ୍ ଦେବାକୁ ପଡ଼ିଥିଲା । ଏଥିପାଇଁ ତାଂକୁ ବାରମ୍ବାର ବାଇ-ଇଲେକ୍ସନର ସାମନା କିରବାକୁ ପଡିଥିଲା । ତାପରେ ସିଷ୍ଟମ୍ ଚେଞ୍ଜ୍ ହେଲା ସବୁ ଦିନ ପାଇଁ । ସମସ୍ତଙ୍କର ମଂଗଳ ପାଇଁ । ୫ମ ଥର ପାଇଁ ନିର୍ବାଚନରେ ଜିତିଲା ପରେ ସେ (ଆଇ ଡୁ ସୋଲେମ୍ନଲି ଆଫରମ୍ : **(I do solemnly Affirm)** କହି ହାଉସ୍ ଅଫ୍ କମନସ୍‌ର ସଦସ୍ୟତା ଗ୍ରହଣ କରିଥିଲେ ।



**ବ୍ରାଡ଼ଲାଫ୍‌ଙ୍କ ଜୀବନରେ "ଆଗ୍ରହ ଏବଂ ସଂକଳ୍ପ" ର ଛାପା:**

ବ୍ରାଡ଼ଲାଫ୍‌ଙ୍କ ଜୀବନୀରୁ ଏହା ଶିକ୍ଷିବାକୁ ମିଳେ ଯେ "ଆଗ୍ରହ ଏବଂ ସଂକଳ୍ପ" ହେଉଛି ସବୁଠାରୁ ବଡ଼ କଥା । ଯାହାଙ୍କ ପାଖରେ ଏହା ଥାଏ ସେ ସମସ୍ତ ଅପାରଗତାକୁ ପଛରେ ପକାଇ ଦିଅନ୍ତି । ପୂର୍ବରୁ କୁହାଯାଇଛି ବ୍ରାଡ଼ଲାଫ ମାତ୍ର ୬ଷ୍ଠ ଶ୍ରେଣୀ ଯାଏ ପାଠ ପଢ଼ିଥିଲେ । ହେଲେ ନିଜର ଆଗ୍ରହ ଏବଂ ସଂକଳ୍ପ ହେତୁ ସେ ଜନସାଧାରଣଙ୍କ ସମସ୍ୟାକୁ ଓ ମୁକ୍ତଚିନ୍ତନର ଆବଶ୍ୟକତାକୁ ପାମ୍ଫଲେଟ୍ ମାଧ୍ୟମରେ ପ୍ରଚାର ଓ ପ୍ରସାର କରୁଥିଲେ । ୧୭ ବର୍ଷ ବୟସରେ ସେ ତାଂକର ପ୍ରଥମ ପାମ୍ଫଲେଟ୍ **(Pamphlet)** ପ୍ରକାଶ କରିଥିଲେ । ୨୫ ବର୍ଷ ବୟସରେ ସେ ଲଣ୍ଡନସ୍ଥିତ ନେସନାଲ୍ ସେକୁଲାର ସୋସାଇଟ୍‌ର ପ୍ରେସିଡ଼େ[ **(National Rationalist Society)** ହୋଇପାରିଥିଲେ । ୨୭ ବର୍ଷ ବୟସରେ ସେ ନେସନାଲ୍ ରିଫରମର **(National Reformer)** ନାମକ ଏକ ନିୟୁଜ୍‌ପେପରର ଏଡ଼ିଟର ହୋଇଥିଲେ ।

ଜନସଂଖ୍ୟାର ବିସ୍ଫୋରଣ ହେଉଛି ଏକ ବଡ଼ ସମସ୍ୟା । ଭାରତବାସୀ ଏହି ସମସ୍ୟା ଦ୍ୱାରା ଅତ୍ୟଧିକ ପୀଡ଼ିତ । ଏବେ ବି ଭାରତର ଭିନ୍ନ ଭିନ୍ନ ଜାଗାରେ "ପୁଅ ବଂଶ ରକ୍ଷା କରେ" ଏବଂ ଏଥିପାଇଁ ପୁଅ ଦରକାର - ଏପରି ଏକ ବିଚାରଧାରା ରହିଛି । ଏଥିପାଇଁ ସ୍ଥଳ ବିଶେଷରେ ପିତାମାତା ୬, ୭ଟି ଝିଅଙ୍କର ଜନକଜନନୀ ହେଉଛନ୍ତି । ସନ୍ତାନ ଭଗବାନଙ୍କ ଦାନ - ଇତ୍ୟାଦି ଅନ୍ଧବିଶ୍ୱାସରେ ଅନେକ ଭାରତବାସୀ ବାନ୍ଧି ହୋଇ ରହିଛନ୍ତି । ଏ ସମସ୍ତ ମନ୍ଦ ଧାରଣାରୁ ଭାରତବାସୀଙ୍କୁ ମୁକ୍ତ କରିବାର ଅଛି । ଭାରତର ଜନସଂଖ୍ୟା ୧୩୫ କୋଟିରେ ପହଁଚିଛି । ସ୍ୱାଧୀନତା ପାଇବା ବର୍ଷ ଅର୍ଥାତ୍ ୧୯୪୭ରେ ଏହି ସଂଖ୍ୟା ଥିଲା ମାତ୍ର ୩୫ କୋଟି । ବ୍ରାଡ଼ଲାଫ୍ ଯେଉଁ ପରିବାର ନିୟୋଜନ କଥା ଉନବିଂଶ ଶତାବ୍ଦୀରେ କହିଥିଲେ, ତାହାର ଯଥାର୍ଥତା ଆମ ଦେଶପାଇଁ ବିଶେଷ ରହିଛି । ଆସନ୍ତୁ, ବ୍ରାଡ଼ଲାଫଙ୍କ ନୀତି ଓ ଆଦର୍ଶକୁ ସମ୍ମାନ ଦେବା ଏବଂ ଭାରତକୁ ବାବାମୁକ୍ତ, ଅନ୍ଧବିଶ୍ୱାସମୁକ୍ତ ଦାରିଦ୍ର୍ୟ ମୁକ୍ତ କରି ଏହାକୁ ଏକ ସଚ୍ଚା ହେତୁବାଦୀଙ୍କ ଦେଶ କରିବା ।

**କୋ-ଫାଉଣ୍ଡର, ଆମୋଫୋଇ**
**ମୋ: ୭୯୭୮୮୨୭୯୬୩**
email:freethoughtlm37@gmail.com




# କେନ୍ଦୁଝରେ ଏଲ.ଭି.ପ୍ରସାଦ ଆଇ ହସ୍ପିଟାଲର ଦ୍ୱିତୀୟ ପ୍ରତୀଷ୍ଠା ବାର୍ଷିକୀ ପାଳିତ



କେନ୍ଦୁଝର(ପିଏନ) : ବିଜୟାନନ୍ଦ ପଟ୍ଟନାୟକ ଆଇ ସେଣ୍ଟର ଓ ଏଲ.ଭି. ଆଇ ଇନ୍‌ଷ୍ଟିଚ୍ୟୁଟର ମିଳିତ ପ୍ରଚେଷ୍ଟାରେ ଚାଲିଥିବା ତଥା ତତ୍‌କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ଏଲ୍.ଭି.ପ୍ରସାଦ ଆଇ୍ ହସ୍ପିଟାଲର କେନ୍ଦୁଝର ୟୁନିଟ୍‌ର ଦ୍ୱିତୀୟ ପ୍ରତିଷ୍ଠା ବାର୍ଷିକି ଆଜି ହର୍ଷୋଲ୍ଲାସ ସହ ପାଳିତ ହୋଇଯାଇଛି । ଏହି ଉତ୍ସବରେ ପାଟଣା ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଡକ୍ଟର ରାଜିନ୍ଦ୍ର କାଲସି ପଟ୍ଟନାୟକ ସମ୍ମାନୀତ ଅତିଥି ଭାବେ ଯୋଗଦାନ କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଜଗନ୍ନାଥ ନାଏକ ନିଜ ବକ୍ତବ୍ୟରେ କେନ୍ଦୁଝରର ସମସ୍ତ ଗଳିକନ୍ଦିକୁ ଚକ୍ଷୁ ରୋଗ ନିରାକରଣ ସେବା ପହଞ୍ଚାଇବା ପାଇଁ ଏହି ଅନୁଷ୍ଠାନକୁ ଉଦ୍‌ବୋଧିତ କରିଥିବା ବେଳେ ଡକ୍ଟର ରାଜିନ୍ଦ୍ର କାଲସି ପଟ୍ଟନାୟକ କେନ୍ଦୁଝରର ଜନସାଧାରଣଙ୍କୁ ଏହି ଅନୁଷ୍ଠାନ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସେବାକୁ ବହୁଳ ମାତ୍ରାରେ ପ୍ରଚାର ପ୍ରସାର କରି ସାଧାରଣ ଜନତାଙ୍କ ପାଖରେ ପହଂଚାଇବା ପାଇଁ ଗଣମାଧ୍ୟମ ପ୍ରତିନିଧି ମାନଙ୍କୁ ଅନୁରୋଧ କରିବା ସହ କେନ୍ଦୁଝରର ଜନସାଧାରଣଙ୍କୁ ଏହି ସୁଯୋଗର ଭରପୁର ଫାଇଦା ଉଠାଇବା ପାଇଁ ପ୍ରବୋଧିତ କରିଥିଲେ । ଅନୁଷ୍ଠାନ ଦ୍ୱାରା ସେବା କ୍ଷେତ୍ରରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବା କର୍ମଚାରୀ ମଧୁସ୍ମିତା ଜେନାଙ୍କୁ ଏମ୍ପ୍ଲଇ ଅଫ୍ ଦି ଇୟର ପୁରସ୍କାର ପ୍ରଦାନ କରାଯାଇଥିଲା । ଏଠାରେ ସୂଚନାଯୋଗ୍ୟ ଏଲ୍.ଭି.ପ୍ରସାଦ ଆଇ ହସ୍ପିଟାଲର ସମଗ୍ର ଦେଶରେ ପାଖାପାଖି ୧୮୫ଟି ସେଣ୍ଟର ଥିବାବେଳେ ଏହି ସେଣ୍ଟରରେ ବିଗତ ଦୁଇବର୍ଷ ଭିତରେ ଅତି କମ୍‌ରେ ୪୨ହଜାର ଚକ୍ଷୁ ରୋଗୀଙ୍କୁ ଚିକିତ୍ସିତ କରାଯାଇଥିବା ବେଳେ ୨ ହଜାରରୁ ଉର୍ଦ୍ଧ୍ୱ ଚକ୍ଷୁ ଅପରେସନ୍ କରାଯାଇଛି । ଆଗକୁ ଏହି ଅନୁଷ୍ଠାନ ଦ୍ୱାରା ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ପ୍ରଦାନ କରାଯିବାର ସୂଚନା ମିଳିଛି । ପରିଶେଷରେ ମନୋରଞ୍ଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

# କର୍ମଚାରୀ ନେତା ସୁଧାଂଶୁ ଶେଖର ପତିଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ଭୁବନେଶ୍ୱର, (ପିଏନ) : ସଂଗ୍ରାମୀ କର୍ମଚାରୀ ନେତା ସୁଧାଂଶୁ ଶେଖର ପତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ବିଭିନ୍ନ ଶ୍ରମିକ, କର୍ମଚାରୀ ଓ ଶିକ୍ଷକ ସଂଗଠନ ତରଫରୁ ସ୍ଥାନୀୟ କର୍ମଚାରୀ ଭବନ, ୟୁନିଟ୍-୫ ଠାରେ ଦିଆଯାଇଅଛି । ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ତଥା ଗୃହ ନିର୍ମାଣ ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ସଚୋଟ୍, କର୍ମଠ, ନିଷ୍ପାପର, ନିଃସ୍ୱାର୍ଥପର ଏବଂ ସ୍ୱାସ୍ଥ୍ୟ ବିଭାଗ ସଂସ୍ଥାରେ ଫାର୍ମାସିଷ୍ଟ ହିସାବରେ କାର୍ଯ୍ୟ ସମ୍ପାଦନ କରିବା ସହିତ ଫାର୍ମସିଷ୍ଟ ସେବାସଂଘର ଦୀର୍ଘ ଦିନର ସାଧାରଣ ସମ୍ପାଦକ ଭାବରେ କାର୍ଯ୍ୟକରି ଓ ସର୍ବୋପରି ଓଡ଼ିଶା ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତିର ନେତୃତ୍ୱ ନେଇ କର୍ମଚାରୀ- ଶିକ୍ଷକ- ଶ୍ରମିକମାନଙ୍କ ସମସ୍ୟା ସମାଧାନ ଦିଗରେ ସରକାରଙ୍କ ସହିତ ସମନ୍ୱୟ ରକ୍ଷାକରି ବିଭିନ୍ନ ଦାବିଦୁବା ପୂରଣ ଦିଗରେ ଶ୍ରୀ ପତି କାର୍ଯ୍ୟ କରିଆସିଅଛନ୍ତି । ଶ୍ରୀ ପତି ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି ମଧ୍ୟ ବିଶେଷ କରି ଶ୍ରମିକ, କର୍ମଚାରୀ ଓ ଶିକ୍ଷକ ସଂଗଠନ ସହ ରହି କାର୍ଯ୍ୟ କରିବା ପାଇଁ ପ୍ରେରଣାଦାୟକ ହେବେ । ବରିଷ୍ଠ ସ୍ତମ୍ଭକାର ପ୍ରଦୋଷ କୁମାର ପଟ୍ଟନାୟକ ମୁଖ୍ୟ ବକ୍ତା ହିସାବରେ ଯୋଗଦେଇ କହିଥିଲେ ଯେ, ୧୯୯୪ ମସିହାଠାରୁ ଆଜି ପର୍ଯ୍ୟନ୍ତ ସଂଗ୍ରାମୀ କର୍ମଚାରୀ ଭାବେ ଓ ବିଭିନ୍ନ ଧର୍ମାନୁଷ୍ଠାନ ସହିତ ଜଡ଼ିତ ତଥା ସୁପରିଚିତ ସଂଘର୍ଷମୟ ଜୀବନ ଶ୍ରୀ ପତିଙ୍କର ରହିଅଛି । କର୍ମଚାରୀ ଓ ଶିକ୍ଷକ ଆନ୍ଦୋଳନରେ ସେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଭୂମିକା ତାଙ୍କର ରହିଅଛି । ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ସଂଗଠନର ନେତୃମଣ୍ଡଳୀ ସର୍ବଶ୍ରୀ ସାରଦା ପ୍ରସାଦ ମହାନ୍ତି, ଚିତ୍ତରଂଜନ ହୋତା, ନରସିଂହ ଆଚାରୀ, ଅଜୟ ନାୟକ, ବଳରାମ ପ୍ରସାଦ ବସୁମଲ୍ଲିକ୍, କୁଳମଣି ପଣ୍ଡା, ସୁରେନ୍ଦ୍ର କୁମାର ସ୍ୱାଇଁ, ପ୍ରମୋଦ କୁମାର ପଟ୍ଟନାୟକ, ହରେନ୍ ସାହୁ, ଶିବ ନାରାୟଣ ପ୍ରହରାଜ, ରବିନ୍ଦ୍ରନାଥ ଦାସ, ମାୟାଧର ବାରିକ, ଗଙ୍ଗାଧର ସ୍ୱାଇଁ, ଆଶିଷ ନନ୍ଦ, କୃଷ୍ଣଚନ୍ଦ୍ର ନାୟକ, ସୁବାଷ ଚନ୍ଦ୍ର କର, ଗିରିଶ ଚନ୍ଦ୍ର ନନ୍ଦ, ଅଶୋକ କୁମାର ଚୌଧୁରୀ, ପ୍ରମୋଦ କୁମାର ପ୍ରଧାନ, ପ୍ରଭୃତି କୁମାର ବିଶ୍ୱାଳ, ରୋହିତ କୁମାର ବାରିକ ପ୍ରମୁଖ ଅଭିଭାଷଣ ଦେବାସହିତ ଶ୍ରୀ ପତିଙ୍କର ସାଙ୍ଗଠନିକ ଦକ୍ଷତା ଓ କର୍ମଚାରୀମାନଙ୍କ ପ୍ରତି ତାଙ୍କର ଦାୟିତ୍ୱବୋଧ ଉପରେ ବିଶେଷ ଆଲୋକପାତ କରିଥିଲେ । ସମ୍ବର୍ଦ୍ଧନା ସଭାରେ ଲୋକନାଥ ରଥ ସଭାପତିତ୍ୱ କରିଥିଲେ । ଗଗନ ଭଞ୍ଜ ସ୍ୱାଗତ ସମ୍ଭାଷଣ ଓ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ । ମାନସ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଶ୍ରୀ ପତିଙ୍କୁ ବିଭିନ୍ନ ସଂଗଠନ ତରଫରୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଦେଇ ସମ୍ବର୍ଦ୍ଧନା କରାଯାଇଥିଲା । ଏହି ଅବସରରେ ରାଜ୍ୟ ଅଣଗେଜେଟେଡ୍ କର୍ମଚାରୀ ସମନ୍ୱୟ ସମିତି ସହିତ ସହବନ୍ଧିତ ସଂଘ, ୟୁନିଅନ୍ ଓ ଫେଡେରେସନ୍‌ର ପରିବର୍ଦ୍ଧିତ ପ୍ରତିନିଧିମଣ୍ଡଳୀ ସଭା ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷ ଶିବନାରାୟଣ ପ୍ରହରାଜ ଅଧ୍ୟକ୍ଷତା କରିଥିବା ବେଳେ ସମନ୍ୱୟ ସମିତିର ଆଗାମୀ କାର୍ଯ୍ୟକ୍ରମ ଉପରେ ବିଶଦ ଭାବରେ ଆଲୋଚନା ହୋଇଥିଲା ।

# ଏବିଇଓ ବିନୋଦଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ହାଟଡିହୀ(ପିଏନ):କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହାଟଡିହୀ ସରସ୍ୱତୀ ଶିଶୁ ମନ୍ଦିର ପରିସର ରେ ଏବିଇଓ ବିନୋଦ କୁମାର ରାଉତଙ୍କୁ ମାନପତ୍ର,ଉପହାର,ଉପଢୌକନ ଦେଇ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି ।ପ୍ରଥମେ ଏବିଇଓ ରାଉତ ଏବଂ ତାଙ୍କ ପତ୍ନୀ ହାସ୍ୟମୟି ରାଜ ଙ୍କୁ ଓରାଳି ବାସ ଭବନ ରୁ ଏକ ଶୋଭାଯାତ୍ରା ରେ ବିଇଓ ଅଫିସ କୁ ଅଣାଯାଇଥିଲା ।ପରେ ଆୟୋଜିତ ବୈଠକ ରେ ବିଇଓ କ୍ଷିରୋଦ କୁମାର ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଆନନ୍ଦପୁର ବିଧାୟକ ଭାଗିରଥି ସେଠି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଦେଶ ଓ ସମାଜ ଗଠନ ରେ ଶିକ୍ଷକ ମୁଖ୍ୟ କର୍ଣ୍ଣଧାରକ ବୋଲି କହିଥିଲେ ।ମୁଖ୍ୟ ବକ୍ତା ଭାବେ ଆନନ୍ଦପୁର ବିଇଓ ଶରତ ରାଉତ,ସମ୍ମାନିତ ଅତିଥି ଭାବେ ଡିପିସି ପୂର୍ଣ୍ଣ ଚନ୍ଦ୍ର ସେଠି,ପୂର୍ବତନ ବିଇଓ ଗୁଣନିଧି ଦାସ,ଏବିଇଓ ସୁରେଶ ଯେନା,ସୁରଥ ସାହୁ,ଚତୁର୍ଭୁଜ ପହି,ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ଜେନା ଉପସ୍ଥିତ ରହି ଅବସର ନେଉଥିବା ଏବିଇଓ ରାଉତ ଙ୍କ କର୍ତବ୍ୟ ପରାୟଣତା ଓ ଦକ୍ଷତା ଦିଗ ରେ ପ୍ରଶଂସା କରି ମତବ୍ୟକ୍ତ କରିଥିଲେ ।ଶିକ୍ଷକ ଶ୍ରୀକାନ୍ତ ପଟ୍ଟନାୟକ ସଭା ପରିଚାଳନା କରିଥିଲେ ।ଶିକ୍ଷକ ନିରାକାର ନାୟକ,ଶିଶିର ବିଶ୍ୱାଳ, ଗଜେନ୍ଦ୍ର ସେଠି, ମୃତ୍ୟୁଞ୍ଜୟ ପଲେଇ, ଦେବାଶିଷ ବାରିକ, ମୃତ୍ୟୁଞ୍ଜୟ ନନ୍ଦ, ସୀତାଲତା ପାତ୍ର,ଶୁଶାନ୍ତ ସାହୁ, ବ୍ରଜକିଶୋର ସେଠି, କାଳନ୍ଦୀ ଜେନା, ନବଘନ ନାୟକ,ପ୍ରଦୀପ ଜେନା, ରତ୍ନାକର ସାହୁ, ବିଘ୍ନରାଜ ଜେନା, ଅବିନାଶ ରାଉତ, ସିଆରସିସି ଓ ବହୁ ସଂଖ୍ୟା ରେ ଶିକ୍ଷକ ଶିକ୍ଷୟତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନ ରେ ସହଯୋଗ କରିଥିଲେ ।

# ନାବାଳିକାକୁ ଦୁଷ୍କର୍ମ ଅଭିଯୋଗ ନେଇ ଥାନାରେ ଏତଲା



କେନ୍ଦୁଝର(ପିଏନ) : କେନ୍ଦୁଝର ଜିଲ୍ଲା ଯୋଡା ଥାନା ଅନ୍ତର୍ଗତ ଯୋଡା ମାର୍କେଟ୍ ୪ନଂ ୱାର୍ଡରେ ରହୁଥିବା ୧୭ବର୍ଷିୟା ନାବାଳିକା ଝିଅକୁ ଜଣେ ଯୁବକ ଅପହରଣ କରିନେଇ ଗୃହବନ୍ଦୀ କରି ରଖିବା ପରେ ଖାଦ୍ୟରେ ନିଶା ଦେଇ ଦୁଷ୍କର୍ମ ଏବଂ ସୁନା ଗହଣା ଲୁଟି ନେଇ ପୀଡିତାଙ୍କ ବାପା ଏକ ଲିଖିତ ଏତଲା ଯୋଡା ଥାନାରେ ଦେଇଛନ୍ତି । ଏତଲାକୁ ଭିତ୍ତି କରି ଯୋଡା ପୋଲିସ୍ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ପୋଲିସ୍ ସୂଚନା ଦେଇଛନ୍ତି ।

## ଡି.ୟୁ ଫ୍ରେଣ୍ଡସ ଦିବାରାତ୍ର ଭଲି ଟୁର୍ଣ୍ଣାମେଣ୍ଟ ଉଦଯାପିତ

ଚଣ୍ଡିଖୋଲ, ୧/୦୩ (ପିଏନ): ଲକ୍ଷ୍ମଣ ବାବାଜୀ ମଠ ଖେଳ ପଡ଼ିଆ ସୁଙ୍ଗୁଡ଼ା ଠାରେ ଚାଲୁଥିବା ପଞ୍ଚମ ଡିୟୁ ଫ୍ରେଣ୍ଡସ ଭଲିବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଆଜି ଫାଇନାଲ ଖେଳରେ ଇସଲାମିଆ ଭଲିବଲ ଟିମ ନେଉଳପୁରକୁ ୨୦/୨୫, ୨୫/୧୮ ଓ ୨୫/୨୧ ସେଟରେ ପରାସ୍ତ କରି ଦର୍ପଣୀ ଗଡ଼ ଭଲିଟିମ ଚାମ୍ପିୟାନ କପ ହାସଲ କରିଛି । ଏହି ଖେଳରେ ୮ଟି ଦଳ ଯୋଗ ଦେଇଥିଲେ । ଏହି ଖେଳକୁ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନା ଉଦଘାଟନ କରିଥିଲେ । ପୁରସ୍କାର ବିତରଣୀ ଉତ୍ସବରେ ଡିୟୁ ଫ୍ରେଣ୍ଡସ ଭଲି କ୍ଲବର ଅଧକ୍ଷ ମନୋଜ କୁମାର ସାହୁ ଓ ମହନ୍ତ ବିଜୟୀ ଦଳକୁ ଟ୍ରଫି ସହ ନଗଦ ୧୨ହଜାର ଟଙ୍କା ପଅଦାନ କରିଥିବା ବେଳେ ରନର୍ସ ଅପ ଦଳକୁ ନେଉଳପୁର ଦଳକୁ ସାମ୍ବାଦିକ ପ୍ରସନ୍ନ ବିଶ୍ୱାଳ, ସମାଜ ସେବୀ ମୁସ୍ତାକ ଅଲୀ ଖାନ, ଅନନ୍ତ ସ୍ୱାଇଁ ଟ୍ରଫି ସହ ୮ହଜାର ଟଙ୍କା ରାଶି ପ୍ରଦାନ କରିଥିଲେ । ଖେଳକୁ ଅମୀୟକାନ୍ତ ପରିଡ଼ା, ପ୍ରବୋଧ କୁମାର ସାହୁ, ନିଗମାନନ୍ଦ ମିଶ୍ର, ସୋମାସ୍ମିତା ଦାସ, ରିମୁନ ଦାସ ପରିଚାଳନା କରିଥିଲେ । କମିଟିର ଅନ୍ୟ କର୍ମକର୍ତ୍ତା ଅଶ୍ୱଜିତ ରାଉତ, ରିୟାଜ ଉଦ୍ଦିନ ଖାନ, ଗୟାସ ଉଦ୍ଦିନ ରଜା ଖାନ, ସବିର ଖାନ, ମହମଦ ରିୟାଜ, ଅଫରୋଜ, ସଦାମ, ନିୟାମଦ, କମର ଜୁମା ଖାନ, ସେକ ଲାଲ, ସେକ ଚାନ୍ଦ, ଅବଦୁଲ ହନାନ, ଅସିମ ଉଦ୍ଦିନ ଖାନ, କରାମଦ ପ୍ରମୁଖ ସହଯୋଗ ଓ ଖେଳ ପରିଚାଳନା କରିଥିଲା ବେଳେ ଶହ ଶହ ଖେଳ ପ୍ରେମୀ ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ । ଶେଷରେ ମୁସ୍ତାକ ଅଲିଖାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ପାଟରା ପରିବାର ପକ୍ଷରୁ ମାଗଣା ହେପାଟାଇଟସ୍ ଟିକା କରଣ



ଚଣ୍ଡିଖୋଲ, ୧/୦୩ (ପିଏନ): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଥାନା ଅଧିନସ୍ଥ ପୂର୍ବ ନାନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଟରା ପରିବାର, ଆମେ ସବୁ ପାଟରା ଗ୍ରୁପ୍ ତରଫରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ହେପାଟାଇଟସ୍ ବି ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟ କ୍ରମକୁ ମୁଖ୍ୟ ଅତିଥି ଭାବେ ବଡ଼ଚଣା ଥାନା ଅଧିକାରୀ ଦୀପକ କୁମାର ଜେନା ଉଦଘାଟନ କରିଥିଲେ । ବାଲିଚନ୍ଦ୍ରପୁର ଥାନା ଅଧିକାରୀ ସୁକାନ୍ତ କୁମାର ପାତ୍ର, ସମ୍ମାନୀତ ଅତିଥି ଭାବେ ଡ଼େରାବିଶ ଥାନାଧିକାରୀ ଉମାକାନ୍ତ ନାୟକ, ଜେନାପୁର ଥାନା ଅଧିକାରୀ ସୁଶାନ୍ତ କୁମାର ଦାସ ସମ୍ମାନୀତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସାଧାରଣ ସଂପାଦକ ବେଣୁଧର ପଣ୍ଡା, ଭକ୍ତଚରଣ ସାହୁ, ଯୋଗ ଦେଇ ପାଟରା ପରିବାର ପକ୍ଷରୁ ମାଗଣା ସ୍ୱାସ୍ଥ୍ୟ ଶିବିର ଓ ଟିକା କରଣ କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ । ଏହି ଶିବିରରେ ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ବିଭାଗୀୟ ମୁଖ୍ୟ ଡ଼ାକ୍ତର ଉମେଶ ଚନ୍ଦ୍ର ପାତ୍ର , ଟିକାକରଣ ଶିବିରକୁ ପରିଚାଳନା କରିଥିଲେ । ଗତ ଫେବୃୟାରୀ ଦୁଇ ତାରିଖରେ ପ୍ରଥମ ପର୍ଯ୍ୟାୟରେ ଯେଉଁ ମାନେ ଟିକା ନେଇଥିଲେ ସେମାନେ ଆଜି ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଟିକା ନେଇଥିଲେ । ସଂଗଠନର ସଭାପତି ପ୍ରଦୀପ କୁମାର ଷେଣ୍ଢ, ବିଭୁତୀ ଭୁଷଣ ଦାସ ଦେଢଶହରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ସ୍ୱାସ୍ଥ୍ୟ ପରୀକ୍ଷା କରି ମାଗଣାରେ ଔଷଧ ବଣ୍ଟନ କରିବା ସହିତ ହେପାଟାଇଟସ୍ ବି ଟିକା କରଣ କରିଥିଲେ । ସମ୍ପାଦକ ବିଜୟ କୁମାର ସାହୁ, ଲକ୍ଷ୍ମିଧର ବାନା, ବିଜୟ କୁମାର ବାନା, ସୁକାନ୍ତ ସାହୁ, ଜଗନ୍ନାଥ ବାନା, ପ୍ରଦୀପ୍ତ ଷେଣ୍ଢ, ମୃତ୍ୟୁଞ୍ଜୟ ଷେଣ୍ଢ, ଶିଶିର ସୁବୁଦ୍ଧି, ଶେଷଦେବ ବେହେରା, ଅଙ୍କିତ ସାହୁ, ଉପ ସଭାପତି ରୁପେଶ କୁମାର ପାତ୍ର, ସମାଜ ସେବୀକା ଲୋପାମୁଦ୍ର ଷେଣ୍ଡ, ବାସନ୍ତି ପୃଷ୍ଟି, ସୁଜାତା ସାହୁ, ଡ଼ା. ସୁଜାତା ମହାପାତ୍ର, ଉର୍ମିଳା ଦାସ, ରଶ୍ମିତା ସାହୁ, ଅଜୟ ପାତ୍ର, ପ୍ରସନ୍ନ ସାହୁ, ସତ୍ୟରଂଜନ ସାହୁ, ଅବିନାଶ ସାହୁ, ବିଶ୍ୱଜିତ ମାହାଲା, ଉପେନ୍ଦ୍ର ପାତ୍ର, ଲକ୍ଷ୍ମୀଧର ବାନା, ପ୍ରଦୀପ୍ତ ଷେଣ୍ଡ, ମୃତ୍ୟୁଞ୍ଜୟ ଷେଣ୍ଡ, ତପନ ଷେଣ୍ଡ, ବିଜୟ ବାନା, ଶେଷଦେବ ବେହେରା, ଚିତ୍ତରଂଜନ ସାହୁ, ଫନିନ୍ଦ୍ରନାତ ପଣ୍ଡା, ମାନସ ଦେଓ ଶିବିରକୁ ପରିଚାଳନା କରିଥିଲେ ।

# ଜଗତ୍‌ଗୁରୁ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କ ଆର୍ଶୀବାଦ ଲାଭ କଲେ ନୀଳାଦ୍ରିବିହାର ଯୁବ ଓ ସାଂସ୍କୃତିକ ସଂଘ

## ଦେଶ ଗଠନରେ ଯୁବଗୋଷ୍ଠିର ଭୂମିକା ଗୁରତ୍ୱପୂର୍ଣ୍ଣ : ଶ୍ରୀ ଶଙ୍କରାଚାର୍ଯ୍ୟ



ଭୁବନେଶ୍ୱର,(ପିଏନ)-ଓଁ ବ୍ରହ୍ମାନନ୍ଦଂ ପରମ ସୁଖଦଂ, କେବଳଂ ଜ୍ଞାନମୂର୍ତ୍ତିଂ। ଦ୍ୱନ୍ଦାତୀତଂ ଗଗନ ସଦୃଶଂ ତତ୍ତ୍ୱମସାଦି ଲକ୍ଷ୍ୟଂ। ଭାରତୀୟ ସଂସ୍କୃତି ଗୁରୁ, ପରମ୍ପରା ହିଁ ଭାରତୀୟ ତତ୍ତ୍ୱଜ୍ଞାନର ପରିଚାୟକ। ଗୁରୁ ସତ୍‌ପ୍ରବୃତ୍ତି, ଅଭିବର୍ଦ୍ଧନ ଓ ଆଦର୍ଶ କର୍ତ୍ତୃତ୍ୱର ପଥପ୍ରଦର୍ଶକ ଅଟନ୍ତି। ଅନ୍ଧ ଗହ୍ୱରରୁ ଆଲୋକର ମାର୍ଗ ପ୍ରଦର୍ଶିତ କରିଥାନ୍ତି। ଅନ୍ତରଙ୍ଗ ଓ ବିହରଙ୍ଗ ଜୀବନକୁ ସୁସଂସ୍କାରିତ କରିବା ତଥା ଗୁରୁଶିଷ୍ୟ ପରମ୍ପରା ସହିତ ନିଜକୁ ଜଡିତ କରିବା ସହ ଏହାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟନେଇ ରାଜ୍ୟର ଅଗ୍ରଣୀ ସାମାଜିକ ତଥା ସାସ୍କୃତିକ ଅନୁଷ୍ଠାନ ନୀଳାଦ୍ରି ବିହାର ଯୁବ ଓ ସାଂସ୍କୃତିକ ସଂଘ ଆଉ ଏକ ମାନୋବଚିତ ସ୍ତରରେ ପହଞ୍ଚିବାର ପ୍ରୟାସ କରିଛି। ଜଗତ୍‌ଗୁରୁ ସଚ୍ଚିଦାନନ୍ଦ ପରଂବ୍ରହ୍ମ ପୁରୀ ଗୋବର୍ଦ୍ଧନ ପୀଠାଧିଶ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀ ମହାରାଜାଙ୍କର ସ୍ଥାନୀୟ ନୀଳାଦ୍ରି ବିହାର ଗସ୍ତ ଅବସରରେ ସଂଘର ସଭାପତି ଡଃ ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସ୍ୱାମୀଜୀଙ୍କ ଚରଣାବିନ୍ଦରେ ନିଜକୁ ଉତ୍ସର୍ଗୀକୃତ କରିଛନ୍ତି। ଏହି ଐଶ୍ୱର୍ଗିକ ଉପଲବ୍ଧି ମୁହୂର୍ତ୍ତରେ ସଂଘର କର୍ମକର୍ତ୍ତା ବନ୍ଧୁମାନେ ଆଧ୍ୟାତ୍ମିକ, ଅଧିବୈଦିକ ଓ ଆଦିଭୌତିକ ଚିନ୍ତାଧାରାରେ ମନପ୍ରାଣକୁ ଗୁରୁଜୀଙ୍କ ଚରଣାରବିନ୍ଦରେ ନିବେଶ କରି ଏହି ମହାନ ଆଧ୍ୟାତ୍ମିକବାଦୀ ଚର୍ଚ୍ଚାରେ ଭାଗନେଇ ଦେଶ, ଜାତି ତଥା ଅଞ୍ଚଳର କଲ୍ୟାଣ ପାଇଁ ଗୁରୁଜୀଙ୍କ ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି ଅବସରରେ ସଂଘ ତରଫରୁ ଗୁରୁଜୀଙ୍କୁ ଉତ୍ତରୀ, ଗଜରା, ଫଳ ଓ ପୁଷ୍ପ ତଥା ସଂଘର ପ୍ରଚାର ପତ୍ର ଇତ୍ୟାଦି ସମର୍ପଣ କରାଯିବା ସହ ସଂଘର ଦୀର୍ଘ ୨୪ ବର୍ଷ ମଧ୍ୟରେ ହାତକୁ ନେଇଥିବା ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ବାବଦରେ ଅବଗତ କରାଯାଇଥିଲା। ଆଲୋଚନାର ଉତ୍ତରରେ ଗୁରୁଜୀ ସଂଘର କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିବା ସହ ଦେଶ ଗଠନରେ ଯୁବ ଗୋଷ୍ଠୀର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅବିହିତ କରି ସଂଘର ଉତ୍ତୋରତ୍ତର ଉନ୍ନତି କାମନା ପାଇଁ ଆର୍ଶୀମୋଚନ ପ୍ରଦାନ କରିଥିଲେ। ପ୍ରତିନିଧି ମଣ୍ଡଳରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସଂପାଦକ ବିଶ୍ୱଜିତ୍ ପଟ୍ଟନାୟକ(ସିଲୁ), ସାଂସ୍କୃତିକ ସଂପାଦକ ବଟକୃଷ୍ଣ ପଣ୍ଡା, ସଭ୍ୟ ସୁରେଶ ଦାଶ, ଅର୍ଜ୍ଜୁନ ଦେହୁରୀ, ଗୋପାଳ ସୁବୁଦ୍ଧି, ରାଜେନ୍ଦ୍ର ରଣା, ସୁକେଶ କୁମାର ମହାନ୍ତି ଓ ଭୀମସେନ୍ ସାମଲ ପ୍ରମୁଖ ଉପସ୍ଥିତ ରହି ଗୁରୁଜୀଙ୍କ ଆର୍ଶୀବାଦ ଲାଭ କରିଥିଲେ।

## ଆଦର୍ଶ ବିଦ୍ୟାଳୟରେ ପ୍ରବେଶିକା ପରୀକ୍ଷା

ହାଟଡିହୀ:(ପିଏନ):କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ରେ ଥିବା ଆଦର୍ଶ ବିଦ୍ୟାଳୟ ରେ ୨୦୨୦-୨୦୨୧ ବର୍ଷ ପାଇଁ ପ୍ରବେଶିକା ପରୀକ୍ଷା ପ୍ରନ୍ସିପାଲ ନିତ୍ୟାନନ୍ଦ ବାରିକ ତତ୍ୱବଧାନ ରେ ଅନୁଷ୍ଠିତ ହୋଇଛି । ମୋଟ ୬୫୭ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ପାଇଁ ନାମ ପଂଜିକରଣ କରିଥିଲେ ।୩ ଜଣ ଅନୁପସ୍ଥିତ ଥିଲେ । ୬ଷ୍ଠ ଶ୍ରେଣୀ ରେ ୮୦ ଟି ସିଟ, ୭ମ ରେ ୨ଟି ସିଟ, ୮ମ ରେ ୭ଟି ସିଟ, ୯ମ ରେ ୧୧ଟି ସିଟ ମୋଟ ୧୦୦ ଟି ସିଟ ପାଇଁ ୬୫୪ ଜଣ ଛାତ୍ରୀଛାତ୍ର ପ୍ରବେଶିକା ପରୀକ୍ଷା ଦେଇଥିଲେ ।

# କେତେଦିନ ଶୋଇବେ ଛେଳି ଗୁହାଳରେ ଗୁରୁବାରୀ



ବାଂଶପାଳ: ୦୧/୦୩:(ପିଏନ): କେନ୍ଦୁଝରରୁ ଖଣିଜ ଟିକସ ଆଦାୟ କରି ରାଜ୍ୟର ଆର୍ଥିକ ଅଭିବୃଦ୍ଧି ହେବାସହ କେନ୍ଦ୍ରର ମଧ୍ୟ ଆର୍ଥିକ ଅଭିବୃଦ୍ଧି ବଢି ଚାଲିଛି । ପରିସ୍ଥିତି ଏମିତିକି ଏହି ଆର୍ଥିକ ଅଭିବୃଦ୍ଧିକୁ ଆଖି ଆଗରେ ରଖି ଉଭୟ ସରକାର ପ୍ରତିବର୍ଷ ନିଜ ନିଜର କର୍ମଚାରୀ ମାନଙ୍କୁ ୫ ରୁ ୧୦ ପ୍ରତିଶତ ମହଙ୍ଗା ଭତ୍ତା ଦେବାକୁ ପଛାଉ ନାହାଁନ୍ତି । ତାହା ସହିତ ଯୋଜନା ପରେ ଯୋଜନାମାନ କରି ଚାଲିଛନ୍ତି । କିନ୍ତୁ ଏହିସବୁ ଯୋଜନାକୁ ତାଚ୍ଛଲ୍ୟ କରୁଛି ଗୁରୁବାରୀର ସ୍ଥିତି । ଓଏମ୍‌ସି ଖଣିର ଠିକ୍ ତଳେ ବାଂଶପାଳ ବ୍ଲକର ତଳକଇଁସାରୀ ପଂଚାୟତର ଜଳଡିହି ଗ୍ରାମର ଗୁରୁବାରୀ ମୁଣ୍ଡା, ବୟସ ପାଖାପାଖି ୭୦ ବର୍ଷ । ପରିବାର କହିଲେ ବିଧବା ବୋହୂ ତଥା ତିନିଜଣ ନାତି ନାତୁଣୀ । ପାଞ୍ଚପ୍ରାଣୀ କୁଟୁମ୍ବକୁ ନେଇ ଚାଲୁଥିବା ଏହି ପରିବାରର ମୁଖ୍ୟ ଗୁରୁବାରୀ ସ୍ୱାମୀଙ୍କ ମୃତ୍ୟୁପରେ ପାଉଥିବା ମାସିକିଆ ପାଞ୍ଚଶହ ଟଙ୍କା ଭତ୍ତାରେ ଅତି କଷ୍ଟରେ ଏହି ୫ ଜଣିଆ ପରିବାରକୁ ଚଳାଇଥାନ୍ତି । ରହିବା ପାଇଁ ଖଣ୍ଡେ ଘର ନଥିବାରୁ ଛେଳି ଗୁହାଳରେ ଶୋଇଥିବା ଦେଖିବାକୁ ପାଇଥିଲେ ଆମର ସ୍ଥାନୀୟ ପ୍ରତିନିଧି । ଜଣେ ବୃଦ୍ଧାଙ୍କୁ ଛେଳି ଗୁହାଳରେ ଶୋଇଥିବା ଦେଖି ପଚାରିବାରୁ ଗୁରୁବାରୀ ନିଜର ଦୁଃଖ କାହାଣୀ କହିବା ସହ ସରକାରୀ ବାବୁଭାୟା ମାନଙ୍କର ଦ୍ୱାରସ୍ଥ ହେବାପରେ କିପରି ଭାବରେ ସବୁଥିରୁ ବଂଚିତ ହୋଇ ନିରାଶ ହୋଇ ଚୁପ୍ ହୋଇ ବସିଯାଇଛନ୍ତି ତହା କହିଥିଲେ । ଯେଉଁଥିରୁ ସରକାରୀ ବାବୁଭାୟା ମାନଙ୍କର ଉଦାସୀନତା ତଥା ଉକ୍ତ ଅଂଚଳର ଭିଏଲ୍‌ଡବ୍ଲୁ ଓ ସରପଂଚଙ୍କର ମିଳିତ କଳାକାରନାମାର ସୁରାକ ପାଇଥିଲେ ଆମ ପ୍ରତିନିଧି । ଯଥାଶୀଘ୍ର ଗୁରୁବାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଜାମ୍ବି ମୁଣ୍ଡା, ଦଶରଥ ମହାକୁଡ, ଅମର ମହାକୁଡ, ନେତ ମୁଣ୍ଡା, ନଟ ମୁଣ୍ଡା, ସମରା ମୁଣ୍ଡା, ଦିଲ୍ଲୀପ ମୁଣ୍ଡା, ଶ୍ରୀକାନ୍ତ ମୁଣ୍ଡା, ଅର୍ଜୁନ ମୁଣ୍ଡା ପ୍ରମୁଖ ଦାବି କରିଛନ୍ତି ।




# ଡାକ୍ତର ଜ୍ୟୋସ୍ନା ଦେଈ: ବଡ଼ ଡାକ୍ତରଖାନାରେ ଏକମାତ୍ର ପୁରୁଷ

ସମୟର ଗତିଚକ୍ର ବଢ଼ି ଚାଲିଛି। ନିୟତିର ଲିଖନୀରେ ଜଣେ ଜନ୍ମ ହୋଇ ନିଜ କର୍ମ ତୁଲାଇ ଆରପାରିକୁ ଯାତ୍ରା କରିଥାନ୍ତି। ତେବେ ଆମ ସମାଜରେ ଏପରି ଅନେକ ଆଦର୍ଶଣୀୟ ବ୍ୟକ୍ତିତ୍ୱ ଅଛନ୍ତି ଯେଉଁମାନେ ଦୀପଶିଖା ପରି ନିଜେ କଷ୍ଟ ଯନ୍ତ୍ରଣା ପାଇ ଅନ୍ୟମାନଙ୍କୁ ସୁଖ, ଶାନ୍ତି, ଆନନ୍ଦର ମୁହୂର୍ତ୍ତ ବାଣ୍ଟିଥାନ୍ତି। କେବଳ ଓଡ଼ିଶା ନୁହେଁ ସର୍ବଭାରତୀୟ ସ୍ତରରେ ମହିଳା ଡାକ୍ତର ଭାବେ ବେଶ୍ ଖ୍ୟାତି ପାଇଥିବା ଡାକ୍ତର ଜ୍ୟୋସ୍ନା ଦେଇ ୧୯୯୪ ମସିହା ଜୁଲାଇ ୧୮ ତାରିଖରେ ଇହଲୀଳା ସମ୍ବରଣ କରିଛନ୍ତି। ଜୁଲାଇ ୧୮, ୧୯୯୪ ମସିହା ସେ ଆଉ ଟପିଲେ ନାହିଁ। ସେଇ ସଂଧ୍ୟାରେ ତାଙ୍କର ପରଲୋକ ହୋଇଗଲା। ଗଲା କେତେଦିନ ଧରି ସେ ଅସୁସ୍ଥ ଥିଲେ, ଶଯ୍ୟାଶାୟୀ ହୋଇ ରହିଥିଲେ। ଡାକ୍ତର ଦେଇ ନାମରେ ଖ୍ୟାତ ଏଇ ପ୍ରବଳ ପ୍ରତାପୀ ମଣିଷକୁ ଜରା ଗ୍ରାସ କରିଥିଲା କିଛି ବର୍ଷ ଧରି ଏବଂ ସେ ଅବଶ ହୋଇ ଯାଉଥିଲେ। ତାଙ୍କ କଣ୍ଠରୁ ଆଉ ସେ କମାଣ୍ଡିଙ୍ଗ କଣ୍ଠସ୍ୱର ଶୁଭୁ ନଥିଲା। ମନେହେଉଥିଲା ଯେପରି ସେ ଏକ ବିଷର୍ଣ୍ଣ ଅପରାହ୍ନରେ ପହଞ୍ଚି ଯାଇଛନ୍ତି। ସଂଧ୍ୟା ହେବା ପାଇଁ ଆଉ ଡେରି ନାହିଁ।

କର୍ଣ୍ଣେଲ କ୍ଷେତ୍ରମୋହନ ରାୟ ଏବଂ ଶ୍ରୀମତୀ ଦେଈଙ୍କର ଦ୍ୱିତୀୟ କନ୍ୟା ଡାକ୍ତର ଜ୍ୟୋସ୍ନା ଦେଈ ବାପା ମାଆଙ୍କର ଆଶୀର୍ବାଦରୁ ଉଚ୍ଚଶିକ୍ଷା ପାଇଥିଲେ। ବଡ଼ ଭଉଣୀ ଡାକ୍ତର ବୀଣାଦେବୀଙ୍କ ସହିତ ସେ ପଣ୍ଡିତ ଗୋପବନ୍ଧୁ ଦାସଙ୍କର ଅଭିଭାବକତ୍ୱ ପାଇଥିଲେ। ଯେତେବେଳେ କର୍ଣ୍ଣେଲ କ୍ଷେତ୍ରମୋହନ ରାୟ ଚାଲିଲେ ମହାସମରକୁ, ଜୋସ୍ନା ଦେଇ ସେ କଥା ସ୍ମରଣ କରନ୍ତି ସାଶ୍ରୁଳ ନୟନରେ। ପାଟନା ମେଡ଼ିକାଲ କଲେଜରୁ ପାଶ୍ କରି ସେ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ଚାକିରି ଆରମ୍ଭ କରନ୍ତି। ମେଡ଼ିକାଲ କଲେଜ ପ୍ରତିଷ୍ଠା ହେଲା ପରେ ତା'ର ପ୍ରସୂତି ବିଭାଗର ଦାୟିତ୍ୱ ଗ୍ରହଣ କରନ୍ତି। ସେତେବେଳେ ନାରୀମାନଙ୍କ ପାଇଁ ଉଚ୍ଚଶିକ୍ଷାର ପରିସର ଖୁବ୍ କମ୍ ଥିଲା କିନ୍ତୁ ପିତାମାତା ଉଭୟେ ଥିଲେ ଉଚ୍ଚ ଶିକ୍ଷିତ। ତେଣୁ ପୁତ୍ର ସ୍ୱର୍ଗତଃ ସଂଗ୍ରାମ କେଶରୀ ରାୟଙ୍କ ସହିତ ଝିଅମାନଙ୍କର ଉଚ୍ଚଶିକ୍ଷାରେ ମଧ୍ୟ କୌଣସି ତ୍ରୁଟି ହୋଇ ନ ଥିଲା। ଡାକ୍ତର ଦେଈ ପରେ ଇଂଲଣ୍ଡ ଯାଆନ୍ତି ଦ୍ୱିତୀୟ ମହାଯୁଦ୍ଧ ସରିବାର ଠିକ୍ ପରେ ପରେ ଏବଂ ସେଠାରୁ ଉଚ୍ଚଶିକ୍ଷା ଲାଭ କରି ଫେରନ୍ତି ଓଡ଼ିଶା। ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ପ୍ରସୂତି ବିଭାଗର ବର୍ତ୍ତମାନ କୋଠା ହେଉଛି ତାଙ୍କରି ଦାନ। ପୂର୍ତ୍ତ ବିଭାଗ ଘର ତିଆରି କରିବେ କିନ୍ତୁ ଡାକ୍ତର ଦେଈ ଠିଆ ହୋଇ ତା'ର ତଦାରଖ କରିବେ ଏବଂ ଆବଶ୍ୟକ ହେଲେ ପରିବର୍ତ୍ତନ ମଧ୍ୟ କରିବେ। ତାଙ୍କ ଆଖିରୁ କିଛି ଏଡ଼ାଇ ଯିବ ନାହିଁ କି ତାଙ୍କର ପ୍ରତାପୀ ହୁକୁମ ଆଗରେ କେହି ଠିଆ ହୋଇପାରିବେ ନାହିଁ, ସେ ଡାକ୍ତର ହୁଅନ୍ତୁ, ଇଞ୍ଜିନିୟର ହୁଅନ୍ତୁ, ଆଇ.ଏ.ଏସ୍. ଅଫିସର ହୁଅନ୍ତୁ। ଡାକ୍ତର ଦେଈ ଅନନ୍ୟ।

ମେଡ଼ିକାଲ କଲେଜରେ ତାଙ୍କ ଉପରେ ବହୁ ଗଳ୍ପ ରହିଛି। ସମସ୍ତେ କହନ୍ତି ମେଡ଼ିକାଲ କଲେଜରେ ଜଣେ ପୁରୁଷ ଅଛନ୍ତି, ସେ ହେଉଛନ୍ତି ଡାକ୍ତର କୁମାରୀ ଜ୍ୟୋସ୍ନା ଦେଈ। ଦି'ପ୍ରହର ଖରା, ଜଣେ ରୋଗୀକୁ ଖଟିଆରେ ଶୁଆଇ ଦଳେ ଲୋକ ଆଣିଥିଲେ ଡାକ୍ତରଖାନା ଆଉଟଡୋରକୁ। ସେତେବେଳକୁ ଆଉଟଡୋର ବନ୍ଦ ହୋଇଗଲାଣି। ଉଦୁଉଦିଆ ଦି'ପ୍ରହର। ସବୁଆଡ଼େ ଶୂନଶାନ୍। ଗାଁରୁ ଆସିଛନ୍ତି ଲୋକେ। ସେମାନେ ପଚାରିଲେ ବଡ଼ ଡାକ୍ତର କେଉଁଠି ରହନ୍ତି? ଜ୍ୟୋସ୍ନା ଦେଈ ରହିଥିଲେ ବର୍ତ୍ତମାନ ଯେଉଁଠି ସ୍କୁଲ ହୋଇଛି ସେଇଘରେ। ରୋଗୀକୁ ନେଇ ଖଟିଆ ରଖି ଦେଇ ଲୋକେ କ୍ଳାନ୍ତି ସାରିଲେ ବାରଣ୍ଡାରେ। ରୋଗୀ ପାରାଲିଟିକ୍, ତେଣୁ ଶୋଇ ରହିଛି ଖଟିଆରେ। ହଠାତ୍ ଡାକ୍ତର ଦେଈଙ୍କର ଆଲସେସିଆନ କୁକୁର ଦଳ ଘର ଭିତରୁ ବାହାରି ପଡ଼ିଲେ। ରୋଗୀର ସାହାଯ୍ୟକାରୀମାନେ ଦୌଡ଼ିଲେ ଏବଂ ଦେଖାଗଲା ଅଚଳ ହୋଇ ଶୋଇ ରହିଥିବା ରୋଗୀ ମଧ୍ୟ ବିଛଣାରୁ ଉଠି ଦୌଡ଼ିଲା। ପ୍ରଚାର ହୋଇଗଲା ବାପରେ କି ଡାକ୍ତର? ପ୍ରତାପୀ ନିଶ୍ଚୟ। ରୋଗୀ ନ ଦେଖୁଣୁ ରୋଗୀ ସଂପୂର୍ଣ୍ଣ ସୁସ୍ଥ? ଡାକ୍ତର ଦେଈ ବିବାହ କରିନାହାନ୍ତି; କିନ୍ତୁ ପରିବାର ବହୁତ। ଦେଖିଲେ ମନେହେବ ଏକ ବିରାଟ ପରିବାର, ଝିଆରି, ପୁତୁରା ବହୁ ବନ୍ଧୁବାନ୍ଧବଙ୍କ ସମାରୋହ। ଯେପରି ଏକ ବିରାଟ ଯୁଗ୍ମପରିବାର। କିଏ କହିବ ଯେ ଏଇ ନାରୀ ଅବିବାହିତା! ଦି' ଭଉଣୀ ଏକାଠି। ତାଙ୍କ ସହିତ ପରିବାରର ବହୁ ଲୋକଙ୍କର ନୀଡ଼ ସେଇଟା। ସମସ୍ତେ କିନ୍ତୁ ଡାକ୍ତର ଦେଈଙ୍କୁ ମାନନ୍ତି। ତାଙ୍କୁ ଭୟ କରନ୍ତି। ବେଶ ସ୍ନେହୀ ମଣିଷ। ଅବିବାହିତା, କିନ୍ତୁ ସଂପୂର୍ଣ୍ଣ ପାରିବାରିକ। ଇମିତି ମଣିଷ ମିଳିବା କଠିନ। ପରିଣତ ବୟସ ହୋଇଥିଲା। ଦେହ ଅବଶ ହୋଇ ଆସୁଥିଲା। ଆଉ ରହନ୍ତେ କାହିଁକି? ଆଉ କଷ୍ଟ ପାଇ ଜୀବନ ଧାରଣ କରିବାର କି ଅର୍ଥ? ଡାକ୍ତର ଦେଈ ଭୂମିଷ୍ଠ କରାଇଛନ୍ତି ବହୁ ପୁତ୍ରକନ୍ୟାଙ୍କୁ। ସେମାନେ ସେମାନଙ୍କ ପିତାମାତା ସମସ୍ତେ ସ୍ମରଣ କରନ୍ତି ଡାକ୍ତର ଦେଈଙ୍କୁ। ତାଙ୍କର ଦକ୍ଷ ହାତ, ତାଙ୍କର କଠୋର ଶୃଙ୍ଖଳାକୁ। ସେଇତ ତାଙ୍କ ପାଇଁ ଜୀବନ୍ୟାସ।

**ଜି.ବି. ପଟ୍ଟନାୟକ, କଟକ**

## ବିଧାୟକ କଲୋନୀରେ ସାଇ ନିର୍ମଳଝର ଉଦ୍‌ଘାଟିତ

ଭୁବନେଶ୍ୱର (ପିଏନ୍): ଶ୍ରୀ ସତ୍ୟସାଇ ସେବା ସଂଗଠନ, ଓଡ଼ିଶା ଆନୁକୂଲ୍ୟରେ ୟୁନିଟ୍-୪ସ୍ଥିତ ୱାର୍ଡ଼ ନଂ-୩୬ ବିଧାୟକ କଲୋନୀରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନାଙ୍କ କରକମଳରେ ସାଇ ନିର୍ମଳଝରର ଶୁଭ ଉଦ୍‌ଘାଟନ ଅନୁଷ୍ଠିତ ହୋଇଯାଇଛି। ୩୬ ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ନରେନ ସାହୁଙ୍କ ଉଦ୍ୟମରେ ଉକ୍ତ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଏଥିରେ ୱାର୍ଡ଼ର ସଭାପତି ଶିବ ସୁଆର, ସମ୍ପାଦକ ଶେଖ୍ ତସ୍‌ବୀର, ଉତ୍ତମ ସାମନ୍ତରାୟ, ଭିକାରୀ ବେହେରା ଓ ଅନ୍ୟାନ୍ୟ ସଭ୍ୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ସମ୍ପ୍ରତି ଭୂପୃଷ୍ଠରୁ ଜଳସ୍ତର ଧୀରେ ଧୀରେ କମୁଥିବାରୁ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଆଗକୁ ଗ୍ରୀଷ୍ମଋତୁ ଆସୁଥିବାରୁ ଜଳ ମୁନ୍ଦିଏ ପିଇବା ପାଇଁ ରାଜଧାନୀର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବେ। ଏହିସବୁ ସମସ୍ୟାକୁ ଦୃଷ୍ଟିରେ ରଖି ସଂଗଠନ ତରଫରୁ ଏପରି ଅଭିନବ ଉଦ୍ୟମ କରାଯାଇଛି।

## 'ମୋ ସ୍କୁଲ' ଅଭିଯାନ କମିଟି ଗଠନ

ଖୋର୍ଦ୍ଧା (ପିଏନ୍): ରାଜ୍ୟ ସରକାରଙ୍କ ଏକ ବଳିଷ୍ଠ ପଦକ୍ଷେପ 'ମୋ ସ୍କୁଲ' ଅଭିଯାନକୁ ସମ୍ମାନ ଜଣାଇ ସରକାରୀ ଉଚ୍ଚପ୍ରାଥମିକ ବିଦ୍ୟାଳୟ ଭାଲିଆବାଡ଼ିର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ସୁପ୍ରିୟା ମହାପାତ୍ରଙ୍କ ନେତୃତ୍ୱରେ ଉକ୍ତ ବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀମାନଙ୍କୁ ନେଇ 'ମୋ ସ୍କୁଲ' କମିଟି ଗଠନ ହୋଇଯାଇଛି। ବୈଠକରେ ଉପସ୍ଥିତ ଥିବା ସମସ୍ତ ପୁରାତନ ଛାତ୍ରଛାତ୍ରୀମାନଙ୍କ ସମ୍ମତିରେ ମୋ ସ୍କୁଲ ଅଭିଯାନ କମିଟିର ସଭାପତି ଶ୍ରୀଯୁକ୍ତ ଶିବନାରାୟଣ ଦାଶ ଓ ଉପଦେଷ୍ଟା-ମଣ୍ଡଳୀ ଭାବରେ ଶ୍ରୀଯୁକ୍ତ ଲଳିତ କୁମାର ଦାଶ, ବିରଞ୍ଚି ନାରାୟଣ ଦାଶ, ଆଶୀଷ ରାୟ, ବୀରକିଶୋର ସିଂହ, ପ୍ରଦୀପ କୁମାର ଦାଶ, ଅରବିନ୍ଦ ରାଉତରାୟ, ଲୋକନାଥ ପ୍ରଧାନ, ପ୍ରମୋଦ କୁମାର ପ୍ରଧାନ, ଅମରକାନ୍ତ ପ୍ରଧାନ, ହାଡ଼ିବନ୍ଧୁ ପ୍ରଧାନ, ପ୍ରସନ୍ନ କୁମାର ରାଉତରାୟ, ଶତ୍ରୁଘ୍ନ ବେହେରାଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଥିଲା। ଭବିଷ୍ୟତରେ ବିଦ୍ୟାଳୟକୁ ଏକ ସ୍ୱତନ୍ତ୍ର ପରିଚୟ ଓ ଭୂମିକାରେ ଗଢ଼ି ତୋଳିବା ନିମନ୍ତେ ସମସ୍ତେ ଏକମତ ହୋଇଥିଲେ।

# କୁସଂସ୍କାରର ଜଘନ୍ୟ ପରିଣତି



କେତେ ଦିନ ହେଲା ଆମ ରାଜ୍ୟ ତଥା ଅନ୍ୟତ୍ର ଯେମିତି ଚାଲିଛି ଅନ୍ଧ କୁସଂସ୍କାରର ରାଜୁତି। ବିକୃତ ମାନସିକତାରୁ ଉତ୍ପନ୍ନ ଅନ୍ଧ କୁସଂସ୍କାର ପାଇଁ ବହୁ ଲୋକଙ୍କର ଜୀବନ ଯାଉଛି। ଖଟବିଦ୍ୟା, ଗୁଣିଗାରେଡ଼ି ହେତୁକ ଗୁଡ଼ିଏ ପରିବାର କେବଳ ଉଜୁଡ଼ି ଯାଉନାହିଁ, ଅଶାନ୍ତି ଓ ବିଶୃଙ୍ଖଳା ସୃଷ୍ଟି ହେବାରୁ ସାମାଜିକ ସନ୍ତୁଳନ ବିଗିଡ଼ି ଯାଉଛି। ନିକଟଅତୀତରେ କେନ୍ଦୁଝର ଜିଲ୍ଲାର ଯୋଡ଼ା ଥାନା ଅନ୍ତର୍ଗତ ଲହଣ୍ଡା ପର୍ବତ ଉପରେ ମୁଣ୍ଡାସାହି ଗ୍ରାମରେ ଯେଉଁ ଅଭାବନୀୟ ଘଟଣା ଘଟିଯାଇଛି, ତାହା ଅନ୍ଧବିଶ୍ୱାସ କୁସଂସ୍କାରର ବିଷମ ପରିଣତି ଛଡ଼ା ଆଉ କିଛି ନୁହେଁ। ନିକଟରେ ଗଜପତିର ମୋହନା, ଗଞ୍ଜାମର ସାନଖେମୁଣ୍ଡି ଅଞ୍ଚଳରେ ଗୁଣିଗାରେଡ଼ି ସନ୍ଦେହରେ ଜିଅନ୍ତା ଜୁଇରେ ପକାଇ ଦିଆଯିବା ଭଳି ଲୋମଟାଙ୍କୁରା ଘଟଣା ମନରୁ ଲିଭିନ ଥିବା ବେଳେ ମୁଣ୍ଡାସାହି ଗ୍ରାମରେ ଗୋଟିଏ ଆଦିବାସୀ ପରିବାରର ଛ'ଜଣଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯିବା ଘଟଣା ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି। ମୁଣ୍ଡାସାହିର ଗୋଟିଏ ପରିବାରର ଜଣେ ମହିଳା, ଚାରିଜଣ ପିଲାଙ୍କୁ ମିଶାଇ ଛଜଣଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି। ଏହି ଘଟଣାରେ ଅନ୍ୟ ଦୁଇଜଣଙ୍କୁ ଗୁରୁତର ଭାବେ ଆହତ କରାଯାଇଛି, ସେମାନଙ୍କ ଅବସ୍ଥା ସାଂଘାତିକ ରହିଛି। ଗ୍ରାମବାସୀଙ୍କର ସନ୍ଦେହ ହେଲା ଏହି ମୁଣ୍ଡା ପରିବାର ଲୋକମାନେ ଗୁଣି ଗାରେଡ଼ିରେ ଲିପ୍ତ, ତେଣୁ ସେମାନଙ୍କୁ ଧାରୁଆ ଅସ୍ତ୍ରରେ ହାଣି ଦେଇଛନ୍ତି ବୋଲି ପୁଲିସର ଦୃଢ଼ ଅନୁମାନ। ଏହି ମର୍ମାନ୍ତିକ ଘଟଣାରେ ଯେଉଁମାନେ ଜଡ଼ିତ ସେମାନଙ୍କୁ ଧରିବା ସକାଶେ ପୁଲିସର ଉଦ୍ୟମ ଓ ବିଚାରଣା ପରେ କାହାକୁ କେତେ ଦଣ୍ଡ ବିଧାନ ହେବ, ତାହା ପର କଥା। ମାତ୍ର ଆପାତଃ ଗୁଣିଗାରେଡ଼ି ଅଭିଯୋଗର ଯେତେ ଭିତ୍ତି ଥାଉନା କାହିଁକି, ଗ୍ରାମବାସୀ ଆଇନକୁ ହାତକୁ ନେଇ ଏତେବଡ଼ ଅପରାଧ କରିବା କେତେଦୂର ଗ୍ରହଣୀୟ, ତାହା ବିଚାରର କଥା। ଯାହା ସୂଚନା ମିଳିଛି, ମୁଣ୍ଡାସାହି ଗ୍ରାମରେ ଜଘନ୍ୟ ଘଟଣା ପରେ ପୁରୁଷଶୂନ୍ୟ ହୋଇଯାଇଛି। ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସବୁ ପୁରୁଷ ଲୋକ ଗ୍ରାମ ଛାଡ଼ି ପଳାଇଛନ୍ତି। ସାରା ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ହେବ ବୋଲି ପୁଲିସବାହିନୀ ମହାନିର୍ଦ୍ଦେଶକ ଘୋଷଣା କରିଛନ୍ତି। ବିଶ୍ୱାସ କରାଯାଉଛି, ଏହି ଗଣହତ୍ୟା ଘଟଣାରେ ଜଡ଼ିତ ବ୍ୟକ୍ତିମାନଙ୍କୁ ଯେମିତି ହେଲେ ଧରାଯିବ। ଆଇନ ହାତରୁ ସେମାନେ ଖସିଯିବା ଏତେ ସହଜ ହୋଇନପାରେ। ଜଘନ୍ୟ ହତ୍ୟାକାଣ୍ଡର ଗମ୍ଭୀରତାକୁ ବିଚାରକୁ ନେଇ ରାଜ୍ୟ ପୁଲିସ ରେଡ଼ ଫ୍ଲାଗ୍ କ୍ୟାଟେଗୋରିରେ ଗ୍ରହଣ କରିଛି। ଦୁର୍ଭାଗ୍ୟର ବିଷୟ ହେଲା ଏ ପ୍ରକାର ଅନ୍ଧବିଶ୍ୱାସ ଜନିତ ବୀଭତ୍ସ ହିଂସା ଏବଂ ଅନ୍ଧବିଶ୍ୱାସ ଯୋଗୁଁ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା। ପ୍ରତିକାର ପାଇଁ ୨୦୧୩ରୁ ଆମ ରାଜ୍ୟରେ ଏକ ଆଇନ ରହିଛି। କିନ୍ତୁ ଆଇନ ଥିବା ସତ୍ତ୍ୱେ ନିୟମିତ ବ୍ୟବଧାନରେ ଅନ୍ଧବିଶ୍ୱାସ ଜନିତ ହିଂସାକାଣ୍ଡ ଘଟି ଚାଲିଛି ଏବଂ ବିଭିନ୍ନ ସ୍ଥାନରେ ସନ୍ଦିଗ୍ଧ ମାନେ ଶାରୀରିକ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି। ଗତ ୨୦୧୩ ଏବଂ ୨୦୧୪ରେ ଗୁଣିଗାରେଡ଼ି ସନ୍ଦେହରେ ରାଜ୍ୟରେ ୯୪ଟି ହତ୍ୟାକାଣ୍ଡ ଘଟିଛି। ବର୍ତ୍ତମାନ ସୁଦ୍ଧା ୧୦ରୁ ଅଧିକ ବ୍ୟକ୍ତି ଅନ୍ଧବିଶ୍ୱାସଜନିତ ଅନ୍ଧ ହିଂସାର ଶିକାର ହୋଇସାରିଲେଣି। ଏହାଛଡ଼ା ଗୁଣିଗାରେଡ଼ି ସନ୍ଦେହରେ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବା ଘଟଣା ମଧ୍ୟ ନିୟମିତ ବ୍ୟବଧାନରେ ଖବରକାଗଜର ଶିରୋନାମା ହେଉଛି। କେଉଁଠି ସନ୍ଦିଗ୍ଧ ପରିବାରଙ୍କୁ ନିଆଁପାଣି ବାସନ୍ଦ କରାଯାଉଛି ତ ଆଉ କେଉଁଠି ଗୁଣିଗାରେଡ଼ି କରୁଥିବା ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଦଉଡିରେ ବାନ୍ଧି ବନ୍ଦୀ କରି ରଖାଯାଉଛି। ପୁଣି ଆଉ କେଉଁଠି ଲଣ୍ଡା କରି ମାଡ଼ ଦେଇ ଗାଁ ସାରା ବୁଲାଯାଇ ଅକଥନୀୟ ଅତ୍ୟାଚାର ଦିଆଯାଉଛି। ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ଅନ୍ଧବିଶ୍ୱାସର ଶିକାର ହେଉଛନ୍ତି ମୁଖ୍ୟତଃ ମହିଳା। ବିଶେଷକରି ଗାଁରେ ଏକାକୀ ବସବାସ କରୁଥିବା ବିଧବା ଓ ନିଃସନ୍ତାନ ମହିଳା ଗୁଣିଗାରେଡ଼ିରେ ଲିପ୍ତ ଥିବା ସନ୍ଦେହରେ ନିର୍ଯାତନାର ଶିକାର ହେଉଛନ୍ତି। ଶିକ୍ଷାର ଅଭାବ ସହ ସ୍ୱାସ୍ଥ୍ୟସେବାର ଅଭାବ ଗୁଣିଗାରେଡ଼ି ଭଳି ଅନ୍ଧବିଶ୍ୱାସକୁ ପ୍ରୋତ୍ସାହିତ କରୁଛି। ମୁଖ୍ୟତଃ ୧୭ଟି ଆଦିବାସୀବହୁଳ ଜିଲ୍ଲାରେ ଗୁଣିଗାରେଡ଼ି ଜନିତ ହିଂସା ଘଟଣାର ସଂଖ୍ୟା ଅଧିକ ହୋଇଥିଲେ ସୁଦ୍ଧା ଗଞ୍ଜାମ ଭଳି ଉପକୂଳ ଜିଲ୍ଲାର ଏହାର ପ୍ରାଦୁର୍ଭାବରୁ ମୁକ୍ତ ନୁହେଁ। ଗତବର୍ଷ ଜାନୁଆରୀରୁ ଅପ୍ରେଲ ୭ ତାରିଖ ମଧ୍ୟରେ ଘଟିଥିବା ୯ଟି ଗୁଣିଗାରେଡ଼ି ସନ୍ଦେହରେ ହିଂସା ଘଟଣା ଭିତରୁ ୩ଟି ଗଞ୍ଜାମରେ ଏବଂ ଆଉ ଗୋଟିଏ ଅନ୍ୟତମ ଉପକୂଳ ଜିଲ୍ଲା ବାଲେଶ୍ୱରରେ ଘଟିଛି। ଉପକୂଳ ଜିଲ୍ଲାର କେତେକ ଗ୍ରାମରେ ଲୋକେ ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଚୋର ଧରିବା ପାଇଁ ଖଟ ବୁଲାଇବା ପ୍ରଥା ଏବେ ବି ପ୍ରଚଳିତ ଅଛି। ଅର୍ଥାତ୍ ଶିକ୍ଷାର ପ୍ରସାର ଘଟି ନଥିବା ପଛୁଆ ଆଦିବାସୀ ଜିଲ୍ଲାରେ ଅନ୍ଧବିଶ୍ୱାସର ପ୍ରାଦୁର୍ଭାବ ଅଧିକ ମାତ୍ରାରେ ଥିଲେ ସୁଦ୍ଧା, ତଥାକଥିତ ଶିକ୍ଷିତ, ଉନ୍ନତ ଜିଲ୍ଲା ମଧ୍ୟ ଏଥିରୁ ମୁକ୍ତ ନୁହେଁ। ଏକବିଂଶ ଶତାବ୍ଦୀରେ ଏ ସ୍ଥିତି ଆଦୌ ସୁଖଦ ନୁହେଁ। ଆଇନ ତ ରହିଛି। ଏହାକୁ ଠିକଣା ଭାବେ କାର୍ଯ୍ୟକାରୀ କରିବା ଲାଗି ପ୍ରୟାସ ହେବା ଉଚିତ। ବିଡ଼ମ୍ବନାର ବିଷୟ ହେଲା, ଦୁଇବର୍ଷରୁ ଉର୍ଦ୍ଧ୍ୱ କାଳ ହେଲା ଗୁଣିଗାରେଡ଼ି ତନ୍ତ୍ରମନ୍ତ୍ର ବିଦ୍ୟାର ପ୍ରତିକାର ଓ ସୁରକ୍ଷା ଆଇନ ପ୍ରଣୟନ ହୋଇଥିଲେ ସୁଦ୍ଧା, କ୍ୱଚିତ ଥାନା ସ୍ତରରେ କାର୍ଯ୍ୟରତ ପୁଲିସ ଅଧିକାରୀ ଏ ଆଇନ ସମ୍ପର୍କରେ ଅବଗତ। ଅଜ୍ଞତା ଯୋଗୁଁ ଏହାର ପ୍ରୟୋଗ ହେଉନାହିଁ। ପୁଲିସ୍ ଅଧିକାରୀମାନଙ୍କୁ ଆଇନ ସମ୍ପର୍କରେ ଅବଗତ କରି ତାର ପ୍ରୟୋଗ ଓ କାର୍ଯ୍ୟକାରିତା ନେଇ ସ୍ୱତନ୍ତ୍ର ପ୍ରଶିକ୍ଷଣ ଦିଆଯିବା ଉଚିତ। ତେବେ ଏହା ଆଇନ ଯଥେଷ୍ଟ ନୁହେଁ। ଆଇନ ଅପେକ୍ଷା ଅନ୍ଧବିଶ୍ୱାସର ମୁକାବିଲା ପାଇଁ ସଚେତନତା, ଶିକ୍ଷାର ପ୍ରସାର ଏବଂ ଅଗମ୍ୟ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବାର ପ୍ରସାର ଅଧିକ ଜରୁରୀ। ଗୁଣିଗାରେଡ଼ି ଓ ଅନ୍ଧକୁସଂସ୍କାର ପାଇଁ କା ଭାଁ ହତ୍ୟା, ଗୃହଦାହ ଭଳି ଘଟଣା ଘଟିବାର ବହୁ ନଜିର ରହିଛି। କିନ୍ତୁ କେନ୍ଦୁଝରର ଏହି ଅଭାବନୀୟ ଘଟଣା ବିବେକବାନ ସମସ୍ତ ବ୍ୟକ୍ତିଙ୍କ ମାନସିକତାକୁ ଗଭୀର ଆଘାତ ଦେଇଛି। ପୁଲିସ ଓ ପ୍ରଶାସନର ପଦକ୍ଷେପ ନିର୍ବିଶେଷରେ ଗୋଟିଏ କଥା କୁହାଯାଇପାରେ ଯେ, କୁସଂସ୍କାରର ବିଲୋପ ପାଇଁ ସାମାଜିକ ଜାଗରୁକତାକୁ ତ୍ୱରାନ୍ୱିତ କରାଯିବା ଜରୁରୀ। ସ୍ୱେଚ୍ଛାସେବୀ ସଂଗଠନ, ସାମାଜିକ କର୍ମୀମାନଙ୍କର ଏ ବାବଦରେ ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା। ରାଜ୍ୟ ତଥା ଦେଶର ବିଭିନ୍ନ ସ୍ଥାନରେ ଏଭଳି ଅନ୍ଧକୁସଂସ୍କାର ବିଲୋପ ପାଇଁ ଗଣଅଭିଯାନ କରାଯିବା ସହିତ ଅପରାଧୀମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ଶାସ୍ତିବିଧାନ ହୁଏତ ପରିସ୍ଥିତି ଆୟତ୍ତକୁ ଅଣାଯିବାରେ ସହାୟକ ହୋଇପାରେ।

**ଅନ୍ତର୍ଯ୍ୟାମୀ ପଟ୍ଟନାୟକ, ଟ୍ରଷ୍ଟ କନ୍‌ଭେନର, ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, ଓଡ଼ିଶା, ଭୁବନେଶ୍ୱର, ଦୂରଭାଷ: ୯୪୩୭୦୨୨୦୬୧**

## ଓରେଡ଼ା କର୍ମଚାରୀ ସଂଘର ଦାବିଗୁଡ଼ିକୁ ସକାରାତ୍ମକ ଢଙ୍ଗରେ ବିଚାର କରାଯିବ



ଭୁବନେଶ୍ୱର (ପିଏନ୍): ଓରେଡ଼ା କର୍ମଚାରୀ ସଂଘ ପକ୍ଷରୁ ଓରେଡ଼ାର ଉନ୍ନତି ସହିତ କର୍ମଚାରୀମାନଙ୍କର ସମୂହ ସ୍ୱାର୍ଥ ନିମନ୍ତେ ଯେଉଁ ଦାବି ଉପସ୍ଥାପନ କରାଯାଇଛି ତାହାକୁ ସକାରାତ୍ମକ ଢଙ୍ଗରେ ବିଚାର କରାଯିବ ବୋଲି ବିଜ୍ଞାନ ଓ କାରିଗରୀ ମନ୍ତ୍ରୀ ତଥା ଓରେଡ଼ାର ଅଧ୍ୟକ୍ଷ ଶ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ପ୍ରତିଶ୍ରୁତି ଦେଇଛନ୍ତି। ଗତ ଶୁକ୍ରବାର ଦିନ ଲୋକସେବା ଭବନରେ ମନ୍ତ୍ରୀ ଶ୍ରୀ ପଣ୍ଡାଙ୍କ କକ୍ଷରେ ଓରେଡ଼ା କର୍ମଚାରୀ ସଂଘର ସ୍ଥାୟୀ ସଭାପତି ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ମନ୍ତ୍ରୀଙ୍କୁ ୬ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦେଇଥିଲେ। ଉକ୍ତ ଦାବିଗୁଡ଼ିକ ମଧ୍ୟରେ ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁସାରେ ବକେୟା ୫୦ ପ୍ରତିଶତ ରାଶି ପ୍ରଦାନ, ଅବସରକାଳୀନ ଭତ୍ତା ପ୍ରଦାନ, ଜୁନିୟର ଟେକ୍ନିସିଆନରୁ ଟେକ୍ନିସିଆନ ପାହ୍ୟାକୁ ଏବଂ ସିନିୟର ଆସିଷ୍ଟାଣ୍ଟରୁ ଏସ୍.ଓ. ପାହ୍ୟାକୁ ପଦୋନ୍ନତି, ଆର.ଏ.ସି.ପି. ମଞ୍ଜୁରି ସହିତ ନଗଦ ଅର୍ଥ ପ୍ରଦାନ, ନୂତନ କର୍ମଚାରୀ ନିଯୁକ୍ତି ତଥା ଓରେଡ଼ାରେ ଅଣଯୋଜନା ବାବଦ ଅନୁଦାନ ୪.୫୬ କୋଟିରୁ ୧୦ କୋଟିକୁ ବୃଦ୍ଧି ଆଦି ଅନ୍ତର୍ଭୁକ୍ତ। ମନ୍ତ୍ରୀ ଶ୍ରୀ ପଣ୍ଡା ଏହି ଦାବିଗୁଡିକୁ ସହୃଦୟତାର ସହିତ ଶୁଣିଥିଲେ ଏବଂ ସେଗୁଡ଼ିକୁ ଆସନ୍ତା ପରିଚାଳନା କମିଟି ବୈଠକରେ ଉପସ୍ଥାପନ କରିବା ପାଇଁ ଓରେଡ଼ାର ମୁଖ୍ୟ କାର୍ଯ୍ୟନିର୍ବାହୀ ଶ୍ରୀ ଲକ୍ଷ୍ମୀଧର ଦାସ ଏବଂ ନିର୍ଦ୍ଦେଶକ (ପ୍ରଶାସନ)ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଛଡ଼ା ଏଥିନିମନ୍ତେ ଅର୍ଥ ବିଭାଗର ଅନୁମୋଦନ ଆଣିବା ପାଇଁ ପଦକ୍ଷେପ ନିଆଯିବ ବୋଲି ମଧ୍ୟ ମନ୍ତ୍ରୀ କହିଥିଲେ। ଉକ୍ତ ପ୍ରତିନିଧି ମଣ୍ଡଳୀରେ ଓରେଡ଼ା କର୍ମଚାରୀ ସଂଘର ଶ୍ରୀ କୈଳାସ ଚନ୍ଦ୍ର ମହାପାତ୍ର, ଅନ୍ତର୍ଯ୍ୟାମୀ ଦାସ, କାର୍ତ୍ତିକ ଚନ୍ଦ୍ର ପରିଡ଼ା, ସଂସାରୀ ଶ୍ରୀଚନ୍ଦନ ଏବଂ ସୁରେନ୍ଦ୍ରନାଥ ସାହୁ ସାମିଲ୍ ଥିଲେ।

## ସାହିତ୍ୟ ଦର୍ପଣ ପୁରସ୍କାର ଘୋଷଣା

ଧର୍ମଶାଳା (ପିଏନ୍): ଧର୍ମଶାଳା ଅଞ୍ଚଳରୁ ପ୍ରକାଶ ପାଉଥିବା ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣର ଏକବିଂଶ ବାର୍ଷିକ ସାରସ୍ୱତ ସମାବେଶ ଓ ପୁରସ୍କାର ପ୍ରଦାନ ଉତ୍ସବ ଆସନ୍ତା ୮ ତାରିଖ ସଂଧ୍ୟାରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମ ପରିସର ଇଣ୍ଡୋର ହଲ୍‌ରେ ଅନୁଷ୍ଠିତ ହେବ। ଏହି ଅବସରରେ ସାମଗ୍ରିକ ସାହିତ୍ୟ କୃତୀ ପାଇଁ କଥାକାର ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶଙ୍କୁ ଚଳିତବର୍ଷର ସାହିତ୍ୟ ଦର୍ପଣ ପୁରସ୍କାର ପ୍ରଦାନ କରାଯିବ ବୋଲି ଅନୁଷ୍ଠାନ ପକ୍ଷରୁ ଘୋଷଣା କରାଯାଇଛି। ସେହିପରି କବି ତ୍ରିନାଥ ସିଂହଙ୍କୁ ସାହିତ୍ୟ ଦର୍ପଣ ସ୍ୱତନ୍ତ୍ର କବିତା ସମ୍ମାନ, ଗାଳ୍ପିକ କାର୍ତ୍ତିକ ସ୍ୱାଇଁ, କବି କମଳ କୁମାର ମହାନ୍ତି, ଗାଳ୍ପିକ ଶୈଳେନ୍ଦ୍ର ଜେନା, କବି ସୁରଂଜନ ପାତ୍ର, ଯୁଗଶ୍ରୀ ଯୁଗନାରୀ ପତ୍ରିକାର ସମ୍ପାଦିକା ମମତା ମହାପାତ୍ରଙ୍କୁ ସାହିତ୍ୟ ଦର୍ପଣ ସମ୍ମାନ ପ୍ରଦାନ କରାଯିବ। ଏହି ଉତ୍ସବରେ ବଡଚଣା ବିଧାୟକ ଅମର ପ୍ରସାଦ ଶତପଥୀ ଉଦ୍‌ଘାଟକ, ବିଶିଷ୍ଟ କବି ହରପ୍ରସାଦ ଦାସ ମୁଖ୍ୟଅତିଥି, ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାୟ, ରାଜ୍ୟ ପ୍ରାଣୀସମ୍ପଦ ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ କବି ରତ୍ନାକର ରାଉତ ଓ କବି ମଧୁସୂଦନ ଦାଶ ଅତିଥିଭାବେ ଯୋଗଦେବେ ବୋଲି ପତ୍ରିକାର ସମ୍ପାଦକ ବିମଳ ପତି ଜଣାଇଛନ୍ତି।

## ଗୃହମନ୍ତ୍ରୀ ଅମୀତ ଶାହାଙ୍କ ଇସ୍ତଫା ଦାବିରେ କଂଗ୍ରେସର ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ

ରାଉରକେଲା (ପିଏନ୍): ଦୀର୍ଘ ପାଂଚଦିନ ଧରି ଦିଲ୍ଲୀରେ ଚାଲିଥିବା ଦଙ୍ଗା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମୀତ ଶାହାଙ୍କୁ କଂଗ୍ରେସ ତରଫରୁ ଦାୟୀ କରାଯାଇଛି। ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ଏଭଳି ବେପରବାୟ ମନୋଭାବ ଦଙ୍ଗା ନିୟନ୍ତ୍ରଣରେ ବିଫଳତା ପାଇଁ ବର୍ତ୍ତମାନ ସୁଦ୍ଧା ୪୦ରୁ ଉର୍ଦ୍ଧ୍ୱ ପ୍ରାଣ ହରାଇଥିବା ବେଳେ ଶହ ଶହ ଲୋକ ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ବିଜେପି ସରକାର କ୍ଷମତାରେ ଥିବାବେଳେ କେନ୍ଦ୍ର ସରକାରଙ୍କ ଅଧିନରେ ଦିଲ୍ଲୀ ପୋଲିସ୍ ରହିଛି। ତେଣୁ ଦଙ୍ଗା ନିୟନ୍ତ୍ରଣରେ ପୋଲିସର ବିଫଳତା କେନ୍ଦ୍ର ସରକାର ତଥା ଗୃହମନ୍ତ୍ରୀ ଶ୍ରୀ ଶାହାଙ୍କ ନଗ୍ନ ବିଫଳତା ବୋଲି କଂଗ୍ରେସ ତରଫରୁ କୁହାଯାଇଛି। ତେଣୁ ଏ ପରିସ୍ଥିତିରେ କେନ୍ଦ୍ର ଗୃହମନ୍ତ୍ରୀ ଭାବରେ ଶ୍ରୀ ଶାହା ଆଉ ଗୋଟିଏ ମୁହୂର୍ତ୍ତ କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି କଂଗ୍ରେସ ତରଫରୁ କୁହାଯାଇ ଉଦିତନଗର ଆମ୍ବେଦକର ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୁନ୍ଦରଗଡ ସଂସଦୀୟ କ୍ଷେତ୍ର କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ କାର୍ଯ୍ୟକ୍ରମରେ କଂଗ୍ରେସ କର୍ମୀମାନେ କେନ୍ଦ୍ର ସରକାର ବିରୋଧୀ ସ୍ଲୋଗାନ ଦେଇ ଶ୍ରୀ ଶାହାଙ୍କ ଇସ୍ତଫା ନଚେତ୍ କେନ୍ଦ୍ର ସରକାରରୁ ତାଙ୍କ ବରଖାସ୍ତ ଦାବି କରିଥିଲେ। ଗୁଜରାଟ ରାଜ୍ୟ ସରକାରରେ ଅମୀତ ଶାହା ଗୃହମନ୍ତ୍ରୀ ଥିବାବେଳେ ଯେପରି ଗୁଜରାଟରେ ସାଂଘାତିକ ଦଙ୍ଗା ସୃଷ୍ଟି ହୋଇ ୬ ମାସରୁ ଉର୍ଦ୍ଧ୍ୱ ସମୟ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଥିଲା ଏବଂ ସେହି ଦଙ୍ଗାରେ ହଜାର ହଜାର ଲୋକ ମୃତାହତ ହୋଇଥିଲେ ଆଜି ଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ଗୃହମନ୍ତ୍ରୀ ଦାୟିତ୍ୱରେ ଥିବା ଶ୍ରୀ ଶାହାଙ୍କ ସମୟରେ ପୁନଶ୍ଚ ସେଭଳି ପରିସ୍ଥିତି ସୃଷ୍ଟି କରିବାକୁ ଉଦ୍ୟମ କରାଯାଉଛି ବୋଲି କଂଗ୍ରେସ ନେତୃବୃନ୍ଦ ପ୍ରକାଶ କରିଥିଲେ। ତେବେ ଗୁଜରାଟ ପରିସ୍ଥିତିର ପୁନରାବୃତ୍ତି ହେବା ପାଇଁ କଂଗ୍ରେସ କଦାପି ଦେବନାହିଁ ବୋଲି ନେତୃବୃନ୍ଦ ଦୃଢୋକ୍ତି ପ୍ରକାଶ କରି ଶ୍ରୀ ଶାହାଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀ ତିର୍କୀଙ୍କ ସମେତ ବରିଷ୍ଠ କଂଗ୍ରେସ ନେତା ବିରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ପିସିସି ସଭ୍ୟ ଦେବବ୍ରତ ବିହାରୀ, ପ୍ରଭାତୀ ମିଶ୍ର, ସନ୍ତୋଷ ବିଶ୍ୱାଳ, ସେବାଦଳ ଅଧ୍ୟକ୍ଷ ବିନୋଦ ରାଉତ, ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ନିରୂପମା ବଳିୟାରସିଂ, ଓବିସି ଅଧ୍ୟକ୍ଷ କୈଳାସ ସାହୁ, ଫିସରମ୍ୟାନ କଂଗ୍ରେସ ଅଧ୍ୟକ୍ଷ ସିଦ୍ଧେଶ୍ୱର ମଲ୍ଲିକ, ବରିଷ୍ଠ କଂଗ୍ରେସ ନେତା ଚିତ୍ତରଂଜନ ମହାନ୍ତି, କୀର୍ତ୍ତନ ଦାସ, ଇଂ. ଆର୍.ପି. ସିଂହ, ସୁକାନ୍ତ ମହାପାତ୍ର, ଏମ୍‌ଡି ନଜମୁଦ୍ଦିନ, ନରେନ୍ଦ୍ର ସିଂହ, ଲୋକନାଥ ଭୂମିଜ, ବିଜୟ ଆପଟ୍ଟ, ସରୋଜ ଜେନା, ଅସଲାମ ପରଭେଜ, ସୁନୀଲ ପଟ୍ଟନାୟକ, ମୋଚ୍ଛୁ ସାହୁ, ପ୍ରଦ୍ୟୁମ୍ନ ଷଡଙ୍ଗୀ, ପ୍ରଦୀପ ସାହୁ, ସୁନୀଲ ସିଂହ, ରାଜେନ୍ଦ୍ର ରଜାକ, ମହେଶ୍ୱର ତନ୍ତୀ, ଦିଲ୍ଲୀପ ଲାହିରି, ରତିକାନ୍ତ ମଲ୍ଲିକ, ଭାଗିରଥି ମାହାଲା, କୁବେର ବାରିକ, ଆବିଦ ହୁସେନ, ସୁଧୀର ନାଥ, ସାରଦା ପ୍ରସନ୍ନ ଦାସ, ଯୁବ ଉପସଭାପତି ବିଶ୍ୱଭୂଷଣ ସର, ଜ୍ଞାନେନ୍ଦ୍ର ଦାସ, ସରୋଜ ମହାନ୍ତି, ଶୁକଦେବ ପଣ୍ଡା, ନାରୀନେତ୍ରୀ ବନଲତା ବେହେରା, କଲ୍ୟାଣୀ ପୂର୍ତ୍ତି, ଅମ୍ରିତ କୌର, ଯୁବନେତା ବିଶ୍ୱଜିତ ସାହୁ, ଅନୁପ ସାହୁ, ରାଜେଶ ପତି, ବିଶିକେସନ ପାଣିଗ୍ରାହୀ, ସୁଶାନ୍ତ ଇନ୍ଦୱାର, ବଣ୍ଟି ଦାସ, ନିକି ମାହାଲି, ଏସ୍.କେ. ସମାଦ, ସୁଶୀଲ ପଣ୍ଡା, ସୁଧୀର ଚୌହାନ, ସୁମୀତ ଜିନ୍ଦନ, ସଂଜୟ ତନ୍ତୀ ପ୍ରମୁଖଙ୍କ ସମେତ ଶତାଧିକ କଂଗ୍ରେସ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

# ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମରେ ଦୂତି ଚାନ୍ଦଙ୍କ ନୂଆ ରେକର୍ଡ

ଭୁବନେଶ୍ୱର: ଆଜି କଳିଙ୍ଗ ଷ୍ଟାଡିୟମ୍‌ରେ ଖେଲୋ ଇଣ୍ଡିଆ ୟୁନିଭର୍ସିଟି ଗେମସ୍‌ରେ ଭାରତୀୟ ଧାବିକା ଦୂତି ଚାନ୍ଦ ଚଳିତ ବର୍ଷର ପ୍ରତିଦ୍ୱନ୍ଦ୍ୱିତାର ୧୦୦ ମିଟର ମହିଳା ଦୌଡ଼ରେ ୧୧.୪୯ ସେକେଣ୍ଡରେ ନୂଆ ଭାରତୀୟ ବିଶ୍ୱବିଦ୍ୟାଳୟ ମିଟ୍ ରେକର୍ଡ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

୨୦୧୮ରେ ଏନ୍ ସିମିଙ୍କ (ମାଙ୍ଗାଲୋର ବିଶ୍ୱବିଦ୍ୟାଳୟ) ୧୧.୫୬ ସେକେଣ୍ଡ ତୁଳନାରେ ତାଙ୍କ ସମୟ ବହୁତ ଭଲ ଥିଲା। କିନ୍ତୁ, ଦୂତି ଚାନ୍ଦ ଭାରତୀୟ ବିଶ୍ୱବିଦ୍ୟାଳୟରେ ୧୧.୩୨ ସେକେଣ୍ଡର ସର୍ବକାଳୀନ ରେକର୍ଡ ସହିତ ଗତବର୍ଷ ବିଶ୍ୱ ବିଶ୍ୱବିଦ୍ୟାଳୟ ଗେମସ୍‌ରେ ସ୍ୱର୍ଣ୍ଣ ଜିତିଥିଲେ।

"ଅଫ ସିଜନ ପରେ ମୁଁ ମୋର ପ୍ରଥମ ପ୍ରତିଦ୍ୱନ୍ଦ୍ୱିତାରେ ଅଧିକ ବେଗ ଆଶା କରୁନଥିଲି। ୧୧.୪୯ ସେକେଣ୍ଡ ସମୟକୁ ନେଇ ମୁଁ ବହୁତ ଖୁସି, ମାତ୍ର ଆଜି ସକାଳେ ହିଟ୍‌ରେ ୧୧.୬୧ ସେକେଣ୍ଡ ହାସଲ କରିଥିବାରୁ ମୁଁ ୧୧.୪୦ ଭିତରେ ରହିବି ବୋଲି ଭାବୁଥିଲି ବୋଲି ସେ କହିଛନ୍ତି। ଟୋକିଓରେ ହେବାକୁ ଥିବା ୨୦୨୦ ଅଲିମ୍ପିକର ଟିକଟ ହାସଲ କରିବା ଲାଗି ୧୧.୨୦ ସେକେଣ୍ଡ ମାନ ଦୌଡ଼ ସହିତ ସେ ଅଲିମ୍ପିକ ଯୋଗ୍ୟତା ମାନକୁ ଅନୁଧାବନ କରୁଛନ୍ତି।

"କରୋନା ଭୂତାଣୁ ଏବଂ ଏହାକୁ ନେଇ ଲାଗୁଥିବା ଗମନାଗମନ କଟକଣା ଯୋଗୁଁ ମୁଁ ୟୁରୋପରେ ପ୍ରତିଯୋଗିତାରେ ଭାଗ ନେବାକୁ ନେଇ ସନ୍ଦେହରେ ରହିଛି। ଚଳିତ ସିଜନରେ ମୁଁ କୌଣସି ଭାରତୀୟ ପ୍ରତିଦ୍ୱନ୍ଦ୍ୱିତା ଅଲିମ୍ପିକ ଯୋଗ୍ୟତା ହାସଲ କରିବାକୁ ଉଦ୍ୟମ କରିବି ବୋଲି ଦୂତି ଚାନ୍ଦ କହିଛନ୍ତି। ରବିବାର ହେବାକୁ ଥିବା ୨୦୦ ମିଟର ଦୌଡ଼ ପାଇଁ ସେ ନିଜର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।



ସେହି ସମୟରେ, ଶନିବାରର ଏକମାତ୍ର ସ୍ୱର୍ଣ୍ଣ ପଦକକୁ ସାବିତ୍ରୀ ଫୁଲେ ପୁନେ ବିଶ୍ୱବିଦ୍ୟାଳୟର ଗ୍ରେକୋ-ରୋମାନ କୁସ୍ତିବିତ ସଦାମ କାସିମ ଶେଖ ୬୦ କେଜି ବର୍ଗର ପ୍ରତିଯୋଗିତାରେ ହାସଲ କରିଛନ୍ତି।

ଏହା ସହିତ ବିଶ୍ୱବିଦ୍ୟାଳୟର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୬ରେ ପହଂଚିଛି ଏବଂ ପଂଜାବ ବିଶ୍ୱବିଦ୍ୟାଳୟ (୧୫) ଠାରୁ ଏହା ଆଗରେ ରହିଛି। ପଂଜାବି ବିଶ୍ୱବିଦ୍ୟାଳୟ (୧୦), ମହର୍ଷି ଦୟାନନ୍ଦ ବିଶ୍ୱବିଦ୍ୟାଳୟ, ରୋହତକ (୯) ଓ ଜୈନ ବିଶ୍ୱବିଦ୍ୟାଳୟ (୮) ପ୍ରଥମ ପାଂଚଟି ସ୍ଥାନରେ ରହିଛନ୍ତି।

ସହିଦ ନଗର ଷ୍ଟାଡିୟମରେ, ଲଭଲି ପ୍ରଫେସନାଲ ୟୁନିଭର୍ସିଟିର ଜୁଡୋ ଖେଳାଳୀମାନେ ଶନିବାର ଦୁଇଟି ସ୍ୱର୍ଣ୍ଣ ପଦ ଜିତିଛନ୍ତି। ଫଳରେ ଏଥିରେ ତିନିଟି ସ୍ୱର୍ଣ୍ଣ ପଦକ ସହ ହିପ୍‌ରେ ଏହି ଅନୁଷ୍ଠାନ ଶୀର୍ଷ ସ୍ଥାନରେ ରହିଛି। ଆଦିର ଦିନରେ ଚାମ୍ପିଆନ ଥିଲେ ପୁରୁଷ ୧୦୦ କେଜି ଶ୍ରେଣୀରେ ରିତିକ ଓ ମହିଳା ୭୮ କେଜି ଶ୍ରେଣୀରେ ଅନମୋଲ। ଦୀନଦୟାଲ ଉପାଧ୍ୟାୟ ବିଶ୍ୱବିଦ୍ୟାଳୟ ଓ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ଗୋଟିଏ ଲେଖାଏଁ ମେଡାଲ ଜିତିଛନ୍ତି। ଦୌଡ଼କୁଦ ଟ୍ରାକ୍‌ରେ ମାଙ୍ଗାଲୋର ବିଶ୍ୱବିଦ୍ୟାଳୟର ନରେନ୍ଦ୍ର ପ୍ରତାପ ସିଂହ ଓ ପଂଜାବ ବିଶ୍ୱବିଦ୍ୟାଳୟ ଜ୍ୟୋତି ସେମାନଙ୍କ ଲମ୍ବା ଦୂରତାର ଡବଲ୍ ଶେଷ କରି ୫୦୦୦ ମିଟରରେ ଶନିବାର ସକାଳେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପିଓ ସାନ୍ୟା ୪୦୦ ମିଟର ହର୍ଡଲ୍‌ସ୍‌ରେ କ୍ୱାଟର ମାଇଲ ଟାଇଟଲ୍ ଜିତି ସର୍ବଭାରତୀୟ ବିଶ୍ୱବିଦ୍ୟାଳୟ ରେକର୍ଡ ହାସଲ କରିଛନ୍ତି।

ପଂଜାବି ବିଶ୍ୱବିଦ୍ୟାଳୟର ହରମିଲନ ବାଇନସ୍ ୧୫୦୦ ମିଟରରେ ସ୍ୱର୍ଣ୍ଣ ଜିତିଥିବା ବେଳେ ୮୦୦ ମିଟର ମୁକୁଟ ହାସଲ କରିଛନ୍ତି ଏବଂ ନିଜର ଦୌଡ଼କୁଦ ଅଭିଭାବକ ଅମନଦୀପ ବାଇନଓ ଓ ମାଧୁରୀ ସକସେନା ବାଇନସଙ୍କୁ ଗର୍ବିତ କରିଛନ୍ତି। ସେ ଦୌଡ଼ରେ ଚତୁରତା ପ୍ରଦର୍ଶନ କରି ସାବିତ୍ରୀ ବାଇ ଫୁଲେ ପୁନେ ବିଶ୍ୱବିଦ୍ୟାଳୟର ଲାଦକଟ ଯମୁନାଙ୍କୁ ପଛରେ ପକାଇ ବିଜୟିନୀ ହୋଇଥିଲେ।

## ଭଲ୍‌ଭୋର ସମସ୍ତ କାର୍ ଭାରତରେ ଏବେ ବିଏସ୍‌ଭିଆଇ ପ୍ରମାଣିତ

ଭୁବନେଶ୍ୱର: ଭଲ୍‌ଭୋ କାର୍ ଇଣ୍ଡିଆ ସଫଳତାର ସହ ଚଳିତ ବର୍ଷ ଫେବୃଆରୀ ଠାରୁ ଏହାର ସମସ୍ତ ରେଞ୍ଜରେ ବିଏସ୍‌ଭିଆଇ ପ୍ରମାଣିତ କାର୍‌ର ଉନ୍ମୋଚନ କରିଛି। କମ୍ପାନୀର କାରଖାନାଗୁଡ଼ିକରେ ନିର୍ମିତ ହୋଇଥିବା ତଥା ଆମଦାନୀ କରାଯାଇଥିବା ସମସ୍ତ କାରଗୁଡ଼ିକ ବର୍ତ୍ତମାନ ବିଏସ୍‌ଭିଆଇ ପ୍ରମାଣିତ। ଏହାର ଗ୍ରାହକମାନଙ୍କୁ ଅଧିକରୁ ଅଧିକ ସ୍ଥାୟୀ ଉତ୍ପାଦ ପ୍ରଦାନ କରିବା ଦିଗରେ ଭଲ୍‌ଭୋ କାର୍ ଇଣ୍ଡିଆର ପ୍ରତିଶ୍ରୁତିରୁ ଏହା ପ୍ରତିଫଳିତ।

ଏ ସମ୍ପର୍କରେ ଭଲ୍‌ଭୋ କାର୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଚାର୍ଲସ୍ ଫ୍ରମ୍ପ କହିଛନ୍ତି ଯେ, ''ବିଶେଷ କରି ୨୦୧୯ରେ ଏହି ଶିଳ୍ପର ପ୍ରଦର୍ଶନକୁ ଦୃଷ୍ଟିରେ ରଖିଲେ ବିଏସ୍‌ଆଇଭିରୁ ବିଏସ୍‌ଭିଆଇକୁ ପରିବର୍ତ୍ତନ କାର୍ଯ୍ୟ ଅତ୍ୟନ୍ତ ଜଟିଳ ଥିଲା।

## ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ପକ୍ଷରୁ ତୁଳସୀ ସ୍ୱାଦରେ ଆଫ୍ରେସ୍ ଏନର୍ଜି ଡ୍ରିଙ୍କ୍ ମିକ୍ସ ଉନ୍ମୋଚିତ

ଭୁବନେଶ୍ୱର: ପୁଷ୍ଟିର ବିଶ୍ୱସ୍ତରୀୟ ସଂସ୍ଥା ହର୍ବାଲାଇଫ୍ ନ୍ୟୁଟ୍ରିସନ୍ ପକ୍ଷରୁ ତୁଳସୀ ସ୍ୱାଦରେ ଆଫ୍ରେସ୍ ଡ୍ରିଙ୍କ୍ ମିକ୍ସକୁ ଉନ୍ମୋଚନ କରାଯାଇଛି। ଆଫ୍ରେସ୍ ହେଉଛି ଏକ ସ୍ଫୂର୍ତ୍ତିଦାୟକ ଓ ସତେଜ ଶକ୍ତି ପ୍ରଦାନକାରୀ ପାନୀୟ ମିଶ୍ରଣ ଯେଉଁଥିରେ ରହିଛି ଅରେଂଜ୍ ପିକୋ ଉପାଦାନ, ଗ୍ରିନ୍ ଟି ଉପାଦାନ ଓ ପ୍ରାକୃତିକ କେଫିନ୍ ପାଉଡର ଯାହାକୁ ଦିନର ଯେକୌଣସି ସମୟରେ ଗରମ କିମ୍ବା ଥଣ୍ଡା ପାନିୟ ଭାବେ ବ୍ୟବହାର କରିହେବ। ତୁଳସୀ ସ୍ୱାଦକୁ ସତେଜ କୃଷ୍ଣ ତୁଳସୀ ପତ୍ରରୁ ବାହାର କରାଯାଇଛି ଏବଂ ତୁଳସୀର ଆବଶ୍ୟକୀୟ ତୈଳ ଏହାକୁ ସତେଜ ସ୍ୱାଦ ପ୍ରଦାନ କରୁଛି। ଏହି ଶକ୍ତି ବର୍ଦ୍ଧନକାରୀ ପାନୀୟ ଅନ୍ୟାନ୍ୟ ସ୍ୱାଦ ଯଥା କମଳା, ଅଳେଇଚ, ଲେମ୍ବୁ, ପିଚ୍ ଫଳ ଓ ଡାଲଚିନି ସ୍ୱାଦରେ ଉପଲବ୍ଧ ହେଉଛି। ଆଫ୍ରେସ୍ ଏନର୍ଜି ଡ୍ରିଙ୍କ୍‌ରେ ରହିଛି ଦୁଇଟି ପ୍ରମୁଖ ଉପାଦାନ, ଆମାଜନ ଜଙ୍ଗଲରେ ମିଳୁଥିବା ବିଦେଶୀ ପ୍ରଜାତିର ଗୁଆରାନା ବୃକ୍ଷ ଓ ଅରେଂଜ୍ ପିକୋ।

## ପ୍ଲେଜ୍‌ଫର୍‌ସୋଲାର ଅଭିଯାନର ଶୁଭାରମ୍ଭ କଲା ଟାଟା ପାୱାର ସୋଲାର

କଟକ: ଟାଟା ପାୱାର ସୋଲାର, ଭାରତର ସର୍ବବୃହତ ସୌର ଶକ୍ତି କମ୍ପାନି ତଥା ଟାଟା ପାୱାରର ପୂର୍ଣ୍ଣ ସହଯୋଗୀ ସଂସ୍ଥା ଆଜି ଏହାର #ପ୍ଲେଜ୍‌ଫର୍‌ସୋଲାର ଅଭିଯାନର ଶୁଭାରମ୍ଭ କରିଛି। ଏହି ଅଭିଯାନ ଗ୍ରାହକମାନଙ୍କୁ ଆବାସିକ ସୋଲାର ରୁଫଟପ୍ ସଲ୍ୟୁସନ୍ ଇନଷ୍ଟଲ କରି ପ୍ରଚୁର ଉପଲବ୍ଧ ଥିବା ପ୍ରାକୃତିକ ସମ୍ବଳର ବ୍ୟବହାର ପାଇଁ ପ୍ରୋତ୍ସାହିତ କରୁଛି। ଏହି ପ୍ରମୁଖ ପଦକ୍ଷେପ ଗ୍ରାହକଙ୍କ ଉର୍ଜ୍ଜା ଚାହିଦା ପୂରଣ ପାଇଁ ଦୀର୍ଘସ୍ଥାୟୀ ସମ୍ବଳ ବ୍ୟବହାରକୁ ପ୍ରେରିତ କରୁଛି। ବରିଷ୍ଠ ସରକାରୀ ଅଧିକାରୀ ତଥା କର୍ପୋରେଟ୍ ଶିଳ୍ପର ପ୍ରମୁଖ ନୀତିନିର୍ଦ୍ଧାରକ ପ୍ରତିନିଧିଙ୍କ ଉପସ୍ଥିତିରେ #ପ୍ଲେଜ୍‌ଫର୍‌ସୋଲାର୍ ଅଭିଯାନ ଆରମ୍ଭ ହୋଇଛି।

ସାରା ଦେଶର ୬୪ଟି ସହରରେ ଏହି ଅଭିଯାନକୁ ବେଶ୍ ସଫଳତା ମିଳିଛି ଏବଂ ସୌର ଶକ୍ତିକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଗାମୀ ଦିନରେ ଆଉ ୩୬ଟି ସହରରେ ଅଭିଯାନ ଚଳାଇବାକୁ ଲକ୍ଷ୍ୟ ରଖାଯାଇଛି। ଆବାସିକ ସୋଲାର ରୁଫଟପ୍ ଇନ୍‌ଷ୍ଟଲେସନ ଦ୍ୱାରା ଗ୍ରାହକ ବାର୍ଷିକ ପ୍ରତି ୫ କିଲୋୱାଟ୍ ପିଛା ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ସଂଚୟ କରିପାରିବେ।

ଏକ ସ୍ୱଭାବସୁଲଭ ସଂଯୋଗ ସୃଷ୍ଟି କରିବାକୁ ଟାଟା ପାୱାର ସୋଲାର ସ୍ଥାନୀୟ ଲୋକଙ୍କ ମଧ୍ୟରେ ସୌର ଶକ୍ତି ଗ୍ରହଣୀୟତା ବଢ଼ାଇବାକୁ ମାର୍କେଟିଂ ଭ୍ୟାନ୍ ଆକ୍ଟିଭେସନ ଭଳି କାର୍ଯ୍ୟକଳାପ ଆୟୋଜନ କରୁଛି। ଅକ୍ଷୟ ଶକ୍ତିର ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି କରି #ପ୍ଲେଜ୍‌ଫର୍‌ସୋଲାର ଦେଶର ଲୋକମାନଙ୍କୁ ସୌର ଶକ୍ତି ବ୍ୟବହାର ଦିଗରେ ଆଗେଇବାକୁ ପ୍ରେରଣା ଦେଉଛି।

ଏକ ମଜବୁତ ଉପଭୋକ୍ତା ସମ୍ପର୍କ ବିକାଶ ଉଦ୍ଦେଶ୍ୟରେ ଟାଟା ପାୱାରର ବିଶେଷଜ୍ଞତାକୁ ସୁନିଶ୍ଚିତ କରି ଏହି ଅଭିଯାନ ବେଷ୍ଟ-ଇନ୍-କ୍ଲାସ୍ କ୍ୱାଲିଟି ଉତ୍ପାଦ, ବିଶ୍ୱଶ୍ରେଣୀୟ କଷ୍ଟମାଇଜଡ ସମାଧାନ ଏବଂ ବ୍ୟାପକ ସର୍ଭିସ ସହାୟତା ଯୋଗାଉଛି, ଯାହାକି ଗ୍ରାହକ ସନ୍ତୁଷ୍ଟୀକରଣରେ ସହାୟକ ହେବ।

## ଗ୍ରାମାଞ୍ଚଳ ଓ ଆଭ୍ୟନ୍ତରୀଣ ଇଲାକାରେ ଡିଜିଟାଲ୍ କ୍ରାନ୍ତିର ସୁଫଳ

ଭୁବନେଶ୍ୱର : ଅତ୍ୟାଧୁନିକ ବୈଷୟିକ ଜ୍ଞାନ କୌଶଳର ଉପଯୋଗ ଦ୍ୱାରା ଯେ କେବଳ ସହରାଞ୍ଚଳରେ ଔଦ୍ୟୋଗିକ ବିକାଶ ପାଇଁ ସୁଯୋଗ ସୃଷ୍ଟି ହୋଇଛି ତାହା ନୁହେଁ, ଏହାଦ୍ୱାରା ଗ୍ରାମାଞ୍ଚଳ ଓ ସୁଦୂର ଆଭ୍ୟନ୍ତରୀଣ ଇଲାକାରେ ମଧ୍ୟ ଲୋକଙ୍କ ପାଇଁ ସୁଯୋଗ ସୃଷ୍ଟି ହୋଇଛି । ଏହା ପ୍ରମାଣିତ ହୋଇଛି ଓଡ଼ିଶାର ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ୍ ଅନ୍ତର୍ଗତ ସୀମାନ୍ତବର୍ତ୍ତୀ ସାଲିମି ଗ୍ରାମର ୨୩ ବର୍ଷୀୟ ପି ସୁରେଶ କୁମାରଙ୍କ କ୍ଷେତ୍ରରେ। ଏହି ଗ୍ରାମରେ ସୁରେଶଙ୍କ ରହିଛି ଏକ ଛୋଟ ମୋବାଇଲ ମରାମତି ଏବଂ ରିଚାର୍ଜ ଦୋକାନ। ନିଜର କଲେଜ ପାଠ ପଢା ଛାଡ଼ି ସୁରେଶ ପଡ଼ୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର ରାଜମହେନ୍ଦ୍ରି ସହରକୁ ଯାଇ ଏକ ମୋବାଇଲ ମରାମତି ଦୋକାନରେ ପ୍ରଶିକ୍ଷଣ ନେବା ସହିତ ସେଠାରେ ସହାୟକ ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ୨୦୧୫ରେ ସେ ନିଜ ଗ୍ରାମ ସାଲିମିକୁ ଫେରି ସେଠାରେ ଏକ ଛୋଟ ମୋବାଇଲ ମରାମତି ଏବଂ ରିଚାର୍ଜ ଦୋକାନ ଆରମ୍ଭ କରିଥିଲେ।



କେନ୍ ୱିଲିୟମସନଙ୍କୁ ଆଉଟ୍ କରିବା ପରେ ବୁମରାଙ୍କୁ ସାଥୀ ଖେଳାଳିମାନେ ବଧେଇ ଜଣାଉଛନ୍ତି

## ବିଦେଶୀ ମେଡ଼ିକାଲ୍ ଛାତ୍ରଛାତ୍ରୀଙ୍କୁ ତାଲିମ ପ୍ରଦାନ କରିବ ସିବନ ହସ୍ପିଟାଲ୍

ଭୁବନେଶ୍ୱର : ପଶ୍ଚିମ ବଙ୍ଗର ଏକ ବୃହତ ତଥା ସୁପରିଚିତ ହସ୍ପିଟାଲ୍ ଭାବେ ଜଣାଶୁଣା ସିବନ ହସ୍ପିଟାଲ୍ ଫରେନ୍ ମେଡିକାଲ୍ ଗ୍ରାଜୁଏଟ୍ସ ଏକ୍‌ଜାମିନେସନ୍ (ଏଫ୍‌ଏମ୍‌ଜିଇ) ତାଲିମ୍ ଅଧିବେଶନର ଆୟୋଜନ କରୁଛି, ଯେଉଁଥିରେ ଚାଇନା, ଋଷିଆ, କିର୍ଗିସ୍ତାନ ଓ ବାଙ୍ଗଲାଦେଶ ପମୁଖ ଦେଶମାନଙ୍କ ମେଡ଼ିକାଲ୍ ଛାତ୍ରଛାତ୍ରୀମାନେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ବର୍ତ୍ତମାନ ସିବନ ହସ୍ପିଟାଲ୍ ମେଡ଼ିକାଲ୍ ଶିକ୍ଷା, ପାରାମେଡ଼ିକାଲ୍ ତାଲିମ ଓ ନର୍ସିଂ କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ବହନ କରୁଛି। ଏହି ହସ୍ପିଟାଲ୍ ଲିଙ୍କଲନ୍ ୟୁନିଭର୍ସିଟି କଲେଜ୍ (ଏଲ୍‌ୟୁସି), ମାଲେସିଆ ସହ ଡକ୍ଟର ଅଫ୍ ମେଡ଼ିସିନ୍ (ଏମ୍‌ଡି) ପାଠ୍ୟକ୍ରମ ନିମନ୍ତେ ସହବନ୍ଧିତା କରିଛି, ଯେଉଁ ପାଠ୍ୟକ୍ରମ ଭାରତରେ ଏମ୍‌ବିବିଏସ୍ ସହିତ ସମାନ ଅଟେ। ଏଥିରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ପରୀକ୍ଷା, ଯେପରିକି- ଏଫ୍‌ଏମ୍‌ଜିଇ/ନେକ୍ସ୍ଟ, ୟୁଏସ୍‌ଏମ୍‌ଏଲଇ, ପିଏଲ୍‌ଏବି ଆଦି ନିମନ୍ତେ ତାଲିମ ପ୍ରଦାନ କରାଯିବ। ସିବନ ହସ୍ପିଟାଲ୍ ଏହି ଏଫ୍‌ଏମ୍‌ଜିଇ ତାଲିମ ପାଇଁ ଆରାଇଜ୍ ମେଡ଼ିକାଲ୍ ଏକାଡ଼େମୀ, ହାଇଦ୍ରାବାଦ ସହିତ ମଧ୍ୟ ହାତ ମିଳାଇଛି। ବିଦେଶୀ ଛାତ୍ରଛାତ୍ରୀଙ୍କୁ ପ୍ରଦାନ କରାଯାଉଥିବା ଏହି ୧୦ ଦିନର ତାଲିମ ସେମାନଙ୍କୁ ଏକ ଉତ୍ତମ ଡାକ୍ତର ହେବା ନିମନ୍ତେ ଆବଶ୍ୟକ ସମସ୍ତ ଦକ୍ଷତା ପ୍ରଦାନ କରିବ। ଏହି ପରିପ୍ରେକ୍ଷୀରେ ଡା. ସୁଭାଷିଶ ମିତ୍ର, ନିର୍ଦ୍ଦେଶକ, ସିବନ ହସ୍ପିଟାଲ୍ କହିଛନ୍ତି, 'ତାଲିମ ସମୟରେ ଛାତ୍ରଛାତ୍ରୀମାନେ ହସ୍ପିଟାଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧାସୁଯୋଗ ପାଇପାରିବେ। ତାଲିମ ଗ୍ରହଣକାରୀମାନଙ୍କୁ ସିବନ ହସ୍ପିଟାଲ୍ ଏକ ଉତ୍ତମ କ୍ଷେତ୍ର ପ୍ରଦାନ କରିବ, ଯେଉଁଠାରେ ସେମାନେ ପ୍ରାକ୍ଟିକାଲ୍ ଜ୍ଞାନ ଲାଭ କରିବେ। ଏହି ତାଲିମ ଅଧିବେଶନରେ ମେଡ଼ିକାଲ୍ ଛାତ୍ରଛାତ୍ରୀମାନଙ୍କୁ ଏକ ଅଭିନବ ପ୍ଲାଟଫର୍ମ ପ୍ରଦାନ କରି ଉନ୍ନତ ମାନର ସ୍ୱାସ୍ଥ୍ୟ ଶିକ୍ଷା ପ୍ରଦାନ କରିବା ହେଉଛି ଏହାର ମୁଖ୍ୟ ଉଦ୍ଦେଶ୍ୟ।'

## ଉତ୍କଳ ବିଲ୍‌ଡରସ୍ ପକ୍ଷରୁ "ମେଗା ଫେସନ୍ ସୋ"

ଭୁବନେଶ୍ୱର(ପିଏନ)- ଆଜି କଳ୍ପନା ଛକ ସ୍ଥିତ ଖ୍ୟାତି ସମ୍ପନ୍ନ "ଉତ୍କଳ କନିକା ଗେଲେରିଆ" ମଲ ଏକ ନୂଆ ପ୍ଲାଟଫର୍ମ ନେଇ ଓଡିଶାବାସୀଙ୍କ ପାଇଁ ଫ୍ୟାସନ, ଷ୍ଟାଇଲ୍‌କୁ ଲୋକମାନଙ୍କ ଭିତରେ ପହଂଚାଇବାକୁ ଏକ ମେଗା ଫ୍ୟାସନ ମାଧ୍ୟମରେ ପ୍ରୟାସ କରିଛି । ଏହି ଫାସନ ସୋ ପ୍ରତିଯୋଗୀତାକୁ ୩ଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ମିଷ୍ଟର ଉତ୍କଳ, ମିସେସ୍ ଉତ୍କଳ ଓ ଜୁନିୟର ଉତ୍କଳ ୨୦୨୦ନାମରେ ନାମିତ କରାଯାଇଛି । ଏହି ପ୍ରତିଯୋଗୀତାର ଫାଇନାଲ୍ ଆଜି ଉତ୍କଳ ବିଲ୍‌ଡରସ୍‌ର ଉତ୍କଳ ଗ୍ୟାଲେରିଆ ଦ୍ୱାରା ଆୟୋଜିତ ହୋଇଯାଇଛି। ଏହି ପ୍ରତିଯୋଗୀତାରେ ଓଡିଶାର ୨୦୦ ପ୍ରତିଯୋଗୀ ଭାଗ ନେଇଥିଲେ । ଲେମାନଙ୍କ ପାଇଁ କୌଣସି ପ୍ରବେଶ ଦେୟ କିମ୍ବା ବୟସ ସୀମାର ସର୍ତ୍ତାବଳୀ ରଖାଯାଇ ଥିଲା । ଓଡିଶାର ବିଭିନ୍ନ ସହରରୁ ଆସିଥିବା ୨୦୦ ପ୍ରତିଯୋଗୀମାନଙ୍କ ମଧ୍ୟରୁ ୧୪ ଜଣ ପ୍ରତିଯୋଗୀଙ୍କୁ ୨୭ ଫେବୃଆରୀ ଦିନ ଜୁରୀ ମେମ୍ବରମାନେ ଗ୍ରାଣ୍ଡ ଫଆଇନାଲ୍‌କୁ ବାଛିଥିଲେ । ଗ୍ରାଣ୍ଡ ଫାଇନାଲ୍‌କୁ ଆହୁରୀ ପ୍ରତିଯୋଗୀତାମୂଳକ ଓ ସୁନ୍ଦର କରିବାକୁ ଅଭିଜ୍ଞ ଫ୍ୟାସନ୍ ଡିଜାଇନର ମାନଙ୍କ ଦ୍ୱାରା ସେମାନଙ୍କୁ ଗ୍ରୋମଅପ୍ କରାଯାଇଥିଲା । ଏହି ଗ୍ରୋମଅପ୍ କାର୍ଯ୍ୟକ୍ରମରେ ମୁଖ୍ୟତଃ ସୁଖ୍ୟାତିସମ୍ପର୍ଣ୍ଣ ଫ୍ୟାସନ୍ ଡିଜାଇନର୍ ମି: ଜନ ଅଜୟ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଗ୍ରାଣ୍ଡ ଫାଇନାଲ୍‌ରେ ବିଚାରପତି ଭାବେ ସୁପ୍ରସିଦ୍ଧ ଫ୍ୟାସନ ଡାଜାଇନର୍ ରମୁଳି ପଟ୍ଟନାୟକ, ସିଦ୍ଧାର୍ଥ ମହାନ୍ତି, ସ୍ମିତାପ୍ରଜ୍ଞା, ସୁସ୍ମିତା ପ୍ରଧାନ ପ୍ରମୁଖ ଉପସ୍ଥିତ ରହିଥିଲେ। ଏହି "ମେଗା ଫ୍ୟାସନ ସୋ"ର ବିଜେତାଙ୍କୁ ପୁରସ୍କୃତ କରିଥିଲେ ଉତ୍କଳ ବିଲଡର୍ସର ଚେୟାରମ୍ୟାନ୍ ସୁବାସ ଭୁରା, ଉତ୍କଳ ବିଲଡର୍ସର ଏମ.ଡି ସରଦ ବୈଦ, ଉତ୍କଳ ବିଲଡର୍ସର ଏମ.ଡି ଅମିତ ବୈଦ, ଉତ୍କଳ କନିକା ଗ୍ୟାଲେରିଆର ନିର୍ଦ୍ଦେଶକ ପୂର୍ଣ୍ଣିମା ବୈଦ । ଉକ୍ତ ପ୍ରତିଯୋଗୀତାଟି ଉତ୍କଳ ଗ୍ୟାସେରିଆ ମଲର ପରିଚାଳକଙ୍କ ଦ୍ୱାରା ସମ୍ପାଦିତ ହୋଇଥିଲା । ଏହି ପ୍ରତିଯୋଗିତାର ଶେଷରେ ସପରର୍ସ ଷ୍ଟପ, ଇଣ୍ଡିଆନ ଟେରୋନୀ, ଇଣ୍ଡଲଜ୍ ସେଲୁନ୍ ମୋଚି, ଟାଇମଜୋନ୍, ହାମଲେଜ୍, ଜିମି, ଭୋଗ୍ୟୁ, ମ୍ୟାକ୍, ଆଶୁତୋଷ ଫୋଟମ୍ୟାଜିକ୍, ଆଇ.ଏନ୍.ଆଇ.ଏଫ୍.ଡି ଭୁବନେଶ୍ୱର, ଫାଲକନ୍ ଆଇ ଏନ୍‌ଟରଟେନ୍‌ମେଂଟ ମାଇଁ ଭୁବନେଶ୍ୱର, ଆଡିକସନ ଫ୍ୟାସନ ମ୍ୟାନେଜମେଂଟ ଭଳି କମ୍ପାନୀମାନେ ସେମାନଙ୍କର ଆନ୍ତରିକ ଶୁଭେଚ୍ଛା ଜଣାଇଥିଲେ।





## ସିମେଣ୍ଟ ଉଦ୍ୟୋଗରେ ସର୍ବବୃହତ କାର୍ବନ କ୍ୟାପଚର ପ୍ଲାଣ୍ଟ ପାଇଁ ଡାଲମିଆ ସିମେଣ୍ଟ ଓ କାର୍ବନ କ୍ଲିନ ସଲ୍ୟୁସନ୍ ସହବନ୍ଧିତ



ନୂଆଦିଲ୍ଲୀ :ଭାରତର ଅଗ୍ରଣୀ ସିମେଣ୍ଟ କମ୍ପାନୀ ଡାଲମିଆ ସିମେଣ୍ଟ ପକ୍ଷରୁ ତାମିଲନାଡୁ ସ୍ଥିତ ସିମେଣ୍ଟ ପ୍ଲାଣ୍ଟରେ ବାର୍ଷିକ ୫୦୦,୦୦୦ ଟନ କ୍ଷମତାର କାର୍ବନ କ୍ୟାପଚର ପ୍ଲାଣ୍ଟ ନିର୍ମାଣ କରିବାକୁ ଘୋଷଣା କରାଯାଇଛି । ଏଥିପାଇଁ କମ୍ପାନୀ ବ୍ରିଟେନର କାର୍ବନ କ୍ଲିନ ସଲ୍ୟୁସନ୍ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛି। କାର୍ବନ କ୍ଲିନ ସଲ୍ୟୁସନ୍ ଏହାର ସିଡିଆରମାକ୍ସ ପ୍ରଯୁକ୍ତିର ବ୍ୟବହାର କରି ସ୍ୱଳ୍ପ ମୁଲ୍ୟରେ କାର୍ବନ ଡାଇଅକ୍ସାଇଡ (ଉଙ୨) ଅଲଗା କରିବା ପ୍ରଯୁକ୍ତି ପାଇଁ ପ୍ରସିଦ୍ଧ। ବର୍ତ୍ତମାନ ଚାଇନା ଏବଂ ୟୁରୋପର କିଛି ସିମେଣ୍ଟ ପ୍ଲାଣ୍ଟରେ ଛୋଟ ଧରଣର କାର୍ବନ କ୍ୟାପଚର ପ୍ଲାଣ୍ଟ ବସାଯାଇଛି। ତେବେ ସିମେଣ୍ଟ ଉଦ୍ୟୋଗରେ ଆଜି ପର୍ଯ୍ୟ' ଏତେ ବଡ କ୍ଷମତା ଘୋଷଣା କରାଯାଇନଥିଲା । ଅନ୍ୟ ଉଦ୍ୟୋଗ ମାନଙ୍କୁ ବା କେମିକାଲ ନିର୍ମାତା ମାନଙ୍କୁ ସିଧା ସଳଖ ବିକ୍ରି ଛଡା ଏହି ବୃହତ ପ୍ଲାଣ୍ଟରୁ ମିଳୁଥିବା କାର୍ବନ ଡାଇଅକ୍ସାଇଡର ବିଭିନ୍ନ ଉପଯୋଗ ଉପରେ ଅନୁସନ୍ଧାନ କରାଯିବ । ଡାଲମିଆ ସିମେଣ୍ଟର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମହେନ୍ଦ୍ର ସିଂଘି କହିଛନ୍ତି, 'ବର୍ତ୍ତମାନ ଜଳବାୟୁ ସଙ୍କଟର ସମାଧାନ ପାଇଁ ସମୟ ଆସିଛି । ଏକ ପ୍ରଗତିଶୀଳ ଉଦ୍ୟେଗ ଭାବରେ ଡାଲମିଆ ସିମେଣ୍ଟ ୨୦୪୦ ସୁଦ୍ଧା କାର୍ବନ ନେଗେଟିଭ୍ ହେବା ପାଇଁ ପ୍ରତିଶୃତିବଦ୍ଧ । ସିମେଣ୍ଟ ଉତ୍ପାଦନ ବେଳେ କ୍ୟାପଚରିଂ ପ୍ରକ୍ରିୟା ମହତ୍ୱପୂର୍ଣ୍ଣ । ୨୦୪୦ ସୁଦ୍ଧା କାର୍ବନ ଶୁନ୍ୟ ହେବା ପାଇଁ ଏହି ପ୍ରକଳ୍ପ ଅତ୍ୟନ୍ତ ଉପଯୋଗୀ ହେବ ।' କାର୍ବନ କ୍ଲିନ ସଲ୍ୟୁସନ୍‌ର ସହ ସଂସ୍ଥାପକ ତଥା ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ଶର୍ମା କହିଛନ୍ତି, 'ଏହି ଉଦ୍ୟୋଗର ଅଗ୍ରଣୀ ପ୍ରଦର୍ଶନ ପରିଯୋଜନାରେ ଡାଲମିଆ ସହ ସହବନ୍ଧିତ ହୋଇ ଆମେ ଉତ୍ସାହିତ । ଡିକାର୍ବନାଇଜେସନ ପାଇଁ ଆମର ସ୍ୱଳ୍ପ ମୁଲ୍ୟର ମଡ୍ୟୁଲାର ଉଙ୨ କ୍ୟାପଚର୍ ପ୍ରଯୁକ୍ତି ବ୍ୟବହାର କରି ଡାଲମିଆ ସିମେଣ୍ଟ କୁ ସମାଧାନ ଯୋଗାଇ ଦେବାକୁ ଯୋଜନା କରିଛୁ ।' ସିମେଣ୍ଟ ଉତ୍ପାଦନ ରେ ବ୍ୟବହୃତ ଚୁନପଥରର କ୍ୟାଲସିନେସନ ପ୍ରକ୍ରିୟାରେ ହେଉଥିବା ନିର୍ଗମ ଯୋଗୁ ସିମେଣ୍ଟ ଉଦ୍ୟୋଗକୁ ହାର୍ଡ -ଟୁ-ଆବେଟ କ୍ଷେତ୍ରଭାବରେ ପରିଗଣନା କରାଯାଏ । କଂକ୍ରିଟ ଉତ୍ପାଦନ ପାଇଁ ସିମେଣ୍ଟ ଏକ ଅତ୍ୟାବଶ୍ୟକିୟ ନିର୍ମାଣ ସାମଗ୍ରୀ ଅଟେ । ଯଦିଓ କିଛି ସିମେଣ୍ଟ ନିର୍ମାଣରେ ଚୁନ ପଥର କ୍ୟାଲସିନେସନ୍‌ର ଆବଶ୍ୟକତା ନାହିଁ । କିନ୍ତୁ ଏହା ପାଇଁ ବିକଳ୍ପ ଖଣିଜ ପଦାର୍ଥ ଆବଶ୍ୟକ । ସଧାରଣ ପ୍ରକ୍ରିୟାରେ ଉତ୍ପାଦନରେ ନିର୍ଗମ କମ କରିବା ପାଇଁ କ୍ୟାପଚର ପ୍ରକ୍ରିୟାରେ ଉଙ୨ ନିୟନ୍ତ୍ରଣ ଏକ ମାତ୍ର ଉପାୟ ।ସିମେଣ୍ଟ ଉଦ୍ୟୋଗରୁ ପ୍ରଥମ କମ୍ପାନୀ ଭାବରେ ଡାଲମିଆ ସିମେଣ୍ଟକୁ ୟୁଏନ ସେକ୍ରେଟାରୀ ଜେନେରାଲଙ୍କ ତରଫରୁ ଚଳିତବର୍ଷ ସେପ୍ଟେମ୍ବର ୨୩ ତାରିଖରେ ହେବାକୁ ଥିବା କ୍ଲାଇମେଟ ଆକ୍ସନ ସମିଟ୍ ରେ ଉଦ୍‌ବୋଧନ ଦେବା ପାଇଁ ନିମନ୍ତ୍ରିତ କରାଯାଇଛି । କମ୍ପାନୀ ତରଫରୁ ବିଶ୍ୱସ୍ତରରେ ସବୁଜ ସିମେଣ୍ଟ ଉତ୍ପାଦନ ପାଇଁ ଅନେକ ଯୋଜନା କରାଯାଇଛି ।


Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray